ପରମାର୍ଥୀ~~~~ P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ଓଁ ପରମାର୍ଥୀ ଓଁ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ଭାଦ୍ରବ ପୂର୍ଣ୍ଣିମା - ସେପ୍ଟେମ୍ବର - ୨୦୨୦ ସଂଖ୍ୟା ୭

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଆମ୍ଭେମାନେ ବାଣୀ (କଥା)ର ପିଅନ | ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର | ୭ |
| ୩- ଅନୁସନ୍ଧାନ | ସଦାଶିବ ପଣ୍ଡା | ୯ |
| ୪- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୧ |
| ୫- ଶ୍ରୀ ଗୌର ଗମ୍ଭୀରା (ରାଧାକାନ୍ତ ମଠ) | ଶ୍ରୀ ଜାହ୍ନବୀ ଜୀବନ ଦାସ | ୧୫ |
| ୬- ବୃନ୍ଦାବତୀଙ୍କ କାବ୍ୟରେ ଶ୍ରୀକୃଷ୍ଣ ତତ୍ତ୍ୱ | ଶ୍ରୀ ଭକ୍ତିକୁଶଳ | ୧୭ |




# ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା

**ବିଷୟ - ଭାଗବତ-ଧର୍ମ ହିଁ ପ୍ରେମ ଧର୍ମ**

**"ଶ୍ରୀ ବସୁଦେବ ଓ ନାରଦ-ସଂବାଦ"**

ସ୍ଥାନ - ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ. ୬/୮/୬୫)

(ପୂର୍ବ ପ୍ରକାଶନ ଉତ୍ତାରୁ....)

ଶ୍ରୀଳ ଜୀବଗୋସ୍ୱାମୀ ପାଦଙ୍କର ବ୍ୟାଖ୍ୟା ଆହୁରି ଗଭୀର ଏବଂ ଚମତ୍କାର ସେ କହିଲେ ଯେ, ଶ୍ରୀବସୁଦେବଙ୍କର ଏ ପ୍ରଶ୍ନରେ ତାଙ୍କର ପରମାରାଧତମ ଗୁରୁଦେବଙ୍କର ଅମିୟଭରା ସ୍ମୃତି ହୃଦୟରେ ଜାଗ୍ରତ ହୋଇ ଉଠୁଛି । ଦେବର୍ଷିନାରଦ ଯେ ବଦ୍ରୀନାରାୟଣଙ୍କ ମୁଖନିଃସୃତ ବାଣୀ ଶ୍ରବଣ କରି ଶ୍ରୀକୃଷ୍ଣଙ୍କ ରୂପ, ଲୀଳା, ଐଶ୍ବର୍ଯ୍ୟ ଓ ମାଧୁର୍ଯ୍ୟ ରସରେ ଆପ୍ଲୁତ

ହୋଇଛନ୍ତି; ସେଇ ପରମାରାଧ୍ୟ ଦେବତା ଶ୍ରୀଗୁରୁଦେବଙ୍କ ଶ୍ରୀମୂର୍ତ୍ତି ତାଙ୍କ ମାନସ ପଟରେ ଭାସିଉଠିଛି । ଦେବର୍ଷି ଶ୍ରୀ ନାରଦଙ୍କର ମନପ୍ରାଣ ଦ୍ୱାରକାର ଶ୍ରୀକୃଷ୍ଣଙ୍କ ଅପରୂପ ଲୀଳା ଐଶ୍ୱର୍ଯ୍ୟରେ ଓ ଅନୁପମ ରୂପ-ମାଧୁରୀ ରସରେ ବିଭୋର । ସେ କୃଷ୍ଣପ୍ରେମରେ ଆତ୍ମହରା । He is completely over powered by the magic charm of Sri Krishna.

ତେଣୁ ସେ ଗୁରୁଦେବଙ୍କ କଥା ବିସ୍ମୃତ ହୋଇଥିଲେ ଶ୍ରୀ ବସୁଦେବଙ୍କର ପ୍ରଶ୍ନରେ ତାଙ୍କର ଗୁରୁ ଦେବଙ୍କୁ କ୍ଷଣିକ ଭୁଲିଯିବାର ସ୍ମୃତି ଜାଗ୍ରତ ହୋଇଉଠିଛି । ଏ ଦୁଇଟି ଘଟଣା ମଧ୍ୟରେ ଅପରୂପ ସାମଞ୍ଜସ୍ୟ ରହିଛି । ଶ୍ରୀକୃଷ୍ଣଙ୍କ କୃପାରୁ ସେ ଦ୍ୱାରକାଭୂମିକୁ ଆସିଛନ୍ତି ଏବଂ ତାଙ୍କର କୃପାରୁ ଶ୍ରୀନାରଦଙ୍କର ପରମାରାଧ୍ୟତମ ଗୁରୁଦେବଙ୍କ ସ୍ମୃତି ଜାଗ୍ରତ ହୋଇଛି ।

ଦେବର୍ଷି ନାରଦ ତାପରେ ଭାଗବତଧର୍ମର ବ୍ୟାଖ୍ୟା ସିଧାସଳଖ ଭାବେ ନକରି ପୁରାକାଳେ ସଂଘଟିତ ଗୋଟିଏ ଐତିହାସିକ ଭାଗବତଧର୍ମର କଥା ଓ କାହାଣୀର ଅବତାରଣା କରିଛନ୍ତି ପୁନରାବୃତ୍ତ ଘଟଣା ଓ କଥିତ କାହାଣୀର ପଟଭୂମିକାରେ ଭାଗବତଧର୍ମର ଯେ ଗୁଣାବଳୀ କୀର୍ତ୍ତିତ ଓ ଶ୍ରୁତ ହୋଇଥିଲା, ତାକୁ ହିଁ ଦେବର୍ଷି ନାରଦ କହିବାକୁ ଆରମ୍ଭ କଲେ ।

ବିଦେହ ରାଜନିମି-କର୍ତ୍ତୃକ ବ୍ୟବସ୍ଥିତ ଏକ ଯଜ୍ଞବାସରେ ତତ୍କାଳିକ ଋତ୍ୱିକଗଣ, ବିଶିଷ୍ଟ ଯାଜ୍ଞିକ ଗଣ ନିମନ୍ତ୍ରିତ ହୋଇଥିଲେ । ଏତିକିବେଳେ ସେ ଯଜ୍ଞସ୍ଥଳେ ନବଯୋଗେନ୍ଦ୍ରଙ୍କର ଶୁଭପଦାର୍ପଣ ହେଲା । ବିଦେହରାଜ ନିମି ଯଥା ଯଥ ଅତିଥି ସତ୍କାର ନିମିତ୍ତ ନିଜ ଆସନ ପରିତ୍ୟାଗ କରି ସେମାନଙ୍କୁ ଅଭିନନ୍ଦନ ଓ ଅଭ୍ୟର୍ଥନା କଲେ । ସେମାନଙ୍କର ବାହାର ଅପୂର୍ବ ଜ୍ୟୋତିଛଟାରେ ଅନ୍ତରସ୍ଥିତ ଭାଗବତୋତ୍ତମତାର ପରିଚୟ ଦେବାକୁ ମିଳିଥିଲା । ସେମାନେ ଯେଉଁ ଧନେ ଧନୀ, ସେଇ ଐଶ୍ୱର୍ଯ୍ୟର ଓ ବିଭୂତିର ଚିହ୍ନ ବାହାରେ ପ୍ରକାଶିତ ହୋଇ ପଡ଼ିଥିଲା । ତେଣୁ ନିମିରାଜ ସେମାନଙ୍କୁ ଅଭିନନ୍ଦିତ କରି କହିଲେ -

"ଆପଣମାନେ ବୈକୁଣ୍ଠ ପାର୍ଷଦ, ଶ୍ରୀକୃଷ୍ଣଙ୍କର ରୂପ, ଗୁଣ, ଲୀଳା, ପରିକର ସମ୍ବାଦ ଆପଣମାନଙ୍କର ଅନ୍ତରରେ ସର୍ବଦା ଜାଗ୍ରତ ସୁତରାଂ ଆପଣମାନେ ଯେତେବେଳେ ବିନା ନିମନ୍ତ୍ରଣରେ ଅଯାଚିତ-ଭାବେ ଆସିଯାଇଛନ୍ତି; ଅତଏବ ଭାଗବତ-ଓ ଧର୍ମ ସମ୍ବନ୍ଧେ କିଛି କୁହନ୍ତୁ । ଆପଣମାନେ କରୁଣାମୟ ପ୍ରେମମୟ । ତେଣୁ ବିଶ୍ୱଜଗତର ମଂଗଳାର୍ଥେ ଆପଣମାନଙ୍କର ଏଠି ସେଠି ବିହାର, ଆପଣମାନେ ଅଯାଚିତଭାବେ ଯେ କୌଣସି ସ୍ଥାନକୁ ଭ୍ରମଣ କରନ୍ତି, ତାଦ୍ୱାରା ଜୀବଜଗତର ପରମତମ କଲ୍ୟାଣ ସାଧିତ ହୁଏ; ଜୀବର ଦୁଃଖରେ ଆପଣମାନଙ୍କର ଅନ୍ତର କାନ୍ଦେ ତେଣୁ ଆପଣ ସ୍ଥିର ନ ରହିପାରି ଅହୈତୁକୀ କୃପା ବିତରଣ ନିମିତ୍ତ ଦୀନ, କୃପଣ, ହୀନଚେତା ନିକୃଷ୍ଟ ଜୀବର ଗୃହାଙ୍ଗନେ ଗମନାଗମନ କରନ୍ତି । ସୁତରାଂ ଜୀବଜଗତେ ଯାଦ୍ୱାରା ପରମତମ ଓ ଚରମତମ କଲ୍ୟାଣ ସାଧିତ ହୁଏ, ତେଣୁ କୀର୍ତ୍ତନ କରନ୍ତୁ ।"

**ସଂସାର-ମରୁରେ ଶ୍ରୀହରି କଥାହିଁ ନିତ୍ୟ ଆନନ୍ଦର ଉତ୍ସ :**

ଯେଉଁ ଧର୍ମର ଶ୍ରବଣ-କୀର୍ତ୍ତନେ, ଆମର କର୍ଣ୍ଣ ଓ ଅନ୍ତର ପରିଶୋଧିତ ଓ ନିର୍ମଳ ହୁଏ, ତାହାହିଁ ପରଧର୍ମ, ଆମେ

ବାହାରେ ବହୁକଥା ଶୁଣି କାନକୁ ଅପବିତ୍ର କରି ଦେଇଛନ୍ତି । Art (କଳା) Science (ବିଜ୍ଞାନ) Economics (ଅର୍ଥନୀତି), Politics (ରାଜନୀତି), Sociology ( ସମାଜିକ ବିଜ୍ଞାନ) and Philosophy ( ଦର୍ଶନଶାସ୍ତ୍ର) ପ୍ରଭୃତି ବହୁ ବିଷୟ ଶ୍ରବଣ କରି ଆମର କର୍ଣ୍ଣମୂଳେ ବହୁ ମଇଳା, ବହୁ ଜଞ୍ଜାଳ ଓ ଆବର୍ଜନା ସଂଚିତ ହୋଇରହିଛି । ଏଇ କର୍ଣ୍ଣମୂଳ ପରିଷ୍କାର କରିବାର ଏକମାତ୍ର ଉପାୟ ଭଗବାନଙ୍କର ନାମ, ରୂପ, ଗୁଣ, ଲୀଳା ଓ ଲୀଳାକଥାର ଶ୍ରବଣ ଓ କୀର୍ତ୍ତନ ଭଗବାନଙ୍କର ରୂପ, ଗୁଣ, ଲୀଳା ଓ ପରିକରର କାହାଣୀ ଶ୍ରବଣ କରି ଆମର ଅପବିତ୍ର କାନକୁ ଯେପରି ପବିତ୍ର କରିପାରିବା, ଏହାହିଁ ଜୀବନର ଏକମାତ୍ର କାମ୍ୟ । ଅନିତ୍ୟ ସଂସାରମରୁରେ ହରିକଥାହିଁ ଆନନ୍ଦର ଏକମାତ୍ର ଉତ୍ସ । ଚିର ପରିବର୍ତନଶୀଳ ଜଗତରେ ନିତ୍ୟ ଆନନ୍ଦମୟ ଭଗବାନଙ୍କ ଲୀଳା ଶ୍ରବଣ ହିଁ କର୍ତ୍ତବ୍ୟ । ଯାର ଥରେ ଏ କଥା ଶ୍ରବଣେ ରୁଚି ଓ ମତି ହୋଇଛି, ତାକୁ ଅନ୍ୟ କୌଣସି କଥା ଭଲ ଲାଗି ପାରେନା । ଏକ ସଂଗେ ଭଗବତ କଥା ଓ ଜଗତସଂସାରର ମାୟାର କଥା ରହିପାରେନା । ଆଲୋକ ଓ ଅନ୍ଧକାର ଯେପରି ଏକ ସଂଗେ କୀର୍ତ୍ତିତ ହୋଇପାରେନା, ସେଇପରି ହରିକଥା ଓ ମାୟାର କଥା ଏକ ସଂଗେ କୀର୍ତ୍ତିତ ହୋଇପାରେନା । ଯା'ର ରସନାରେ ଥରେ ହରିକଥା ଉଦିତ ହୋଇଛି ତାକୁ ଅନ୍ୟ କୌଣସି କଥା ଭଲ ଲାଗେନା । ଯାର ହୃଦୟ ମନ୍ଦିରରେ ଶ୍ରୀ ଶ୍ୟାମସୁନ୍ଦରଙ୍କ ରୂପ ଜାଗୃତ ଅଛି, ତାକୁ କୌଣସି ମାୟିକ ଜଗତର କ୍ରିୟା ସ୍ପର୍ଶ କରିପାରେନା ।

ବର୍ତ୍ତମାନ ଜଗତରେ ମାନବ-ସମାଜ କ୍ଷଣିକ ସୁଖ ପ୍ରତି ଏତେ ଲାଳାୟିତ ଯେ, ଭଗବତ କଥା ତାର କାନରେ ପ୍ରବେଶ କରେନା । Politics (ରାଜନୀତି)ର କଥା ଆଲୋଚନା ହେଲେ ସେଠାରେ ବହୁଲୋକ ଜମା ହୁଅନ୍ତି କିନ୍ତୁ ହରିକଥା ଶ୍ରବଣ କରିବାକୁ ଲୋକଙ୍କର ଆଗ୍ରହ କାହିଁ ? ଯଦି କୌଣସି ଭକ୍ତ-ମହାଜନ ମାନବର ଅନ୍ତରେ ହରିକଥା ଓ ଭକ୍ତିର ବୀଜ କୃପାକରି ରୋପଣ କରନ୍ତି, ତାହାହେଲେ ଆଉ ବହିର୍ମୁଖ ସମାଜର ଜ୍ଞାନ-ବିଜ୍ଞାନ ଶିଳ୍ପକଳା ଆକର୍ଷଣ କରିପାରେନା । ସେତେବେଳେ ସବୁ ଛାଡ଼ି ଦେଇ ଭଗବତ୍-କଥା ଶ୍ରବଣେ ଉତ୍ସୁକ ହୋଇ ଉଠିବ । ଭଗବାନ୍, ଭକ୍ତି ଓ ଭକ୍ତ ସନାତନ । ପ୍ରେମ ଭକ୍ତିହିଁ ସତ୍ୟ । ଏ ବୋଧ ଅନ୍ତରେ ଜାଗିଲେ ମାୟା କଦାପି ଆକର୍ଷଣ କରିପାରେନା । ଯଦି କାହାର ମାୟିକ ଗ୍ରାମ୍ୟକଥା ଓ ପ୍ରବନ୍ଧରେ ଓ ଭଗବାନଙ୍କ କଥାରେ - ଉଭୟ ଦିଗରେ ସମାନ ଆଗ୍ରହ ଦେଖାଯାଏ; ତାହା ହେଲେ ଦୁଇଟି ମଧ୍ୟରୁ ଗୋଟିଏ ନିଶ୍ଚୟ ମିଥ୍ୟା । ହୁଏତ ତାର ଭଗବତ କଥାରେ ରୁଚି ଜାଗିନାହିଁ, ନତୁବା ଭଗବତ୍-ପ୍ରେମ ଜାଗିଛି ବାହର ଲୋକଙ୍କୁ ତାକୁ ନ ଜଣାଇବା ପାଇଁ ଛଳନା କରି ଗ୍ରାମ୍ୟ କଥା କହିବାର ଅଭିନୟ କରେ ।

**ମନୁଷ୍ୟ ଜନ୍ମ ଦୁର୍ଲଭ ଆଉ ମହାଜନଙ୍କର ଦର୍ଶନ ଲାଭ ସୁଦୁର୍ଲଭ :**

ମାନବ ଜୀବନ ଜଳ ବୁଦ୍‌ବୁଦ୍ ପରି କ୍ଷଣିକ ହେଲେହେଁ ଦୁର୍ଲଭ । କାରଣ ଚୌରାଶୀ ଲକ୍ଷ ଜନ୍ମ ଭ୍ରମଣ କରି ପ୍ରାଣୀ ମନୁଷ୍ୟ ଜନ୍ମ ପାଏ । ଏଇ ମନୁଷ୍ୟ ଶରୀରରେ ଭଗବତ୍- କଥା ଶ୍ରବଣ, ଆଲୋଚନା ସ୍ମରଣ-ମନନ ଇତ୍ୟାଦି ହୁଏ ଏ ଦୁର୍ଲଭ ମାନବ ଜୀବନରେ ଯଦି ଭଗବତ ପ୍ରେମ ହୃଦୟରେ ନ ଜାଗେ, ସମସ୍ତ ବ୍ୟର୍ଥ ହେବ । କାରଣ ଏହାପରେ ଯେ ମନୁଷ୍ୟ ଜୀବନ ଲାଭହେବ, ଏଭଳି କୌଣସି ସମ୍ଭାବନା ନାହିଁ । ଭଗବାନଙ୍କ ଚରଣ କମଳରେ ଭକ୍ତିଲାଭ ହିଁ ଜୀବନର ଚରମ ଉଦ୍ଦେଶ୍ୟ । ମୁକ୍ତି ଏହା ନିକଟରେ ଅତିତୁଚ୍ଛ । ଭକ୍ତିକାମନା କରି ସହସ୍ରବାର ତାର ଜନ୍ମ ହେଉ,

ସେଥିରେ କିଛି କ୍ଷତିନାହିଁ; ଭଗବାନଙ୍କ ସେବା, ପୂଜା, ଆରାଧନା, ଉପାସନା କରିପାରିଲେ କ୍ଷୁଦ୍ର କୀଟ ପଶୁପକ୍ଷୀ ହୋଇ ଜନ୍ମଗ୍ରହଣ କରିଲେ ଆପତ୍ତି ନାହିଁ।

ଦୁର୍ଲଭ ମନୁଷ୍ୟ ଜନ୍ମରୁ ସୁଦୁର୍ଲଭ ମହାଜନ-ପଦକମଳ-ଦର୍ଶନ।

ମହାଜନ ବା ଭାଗବତୋତ୍ତମଙ୍କର ଦର୍ଶନ କ୍ୱଚିତ କେତେବେଳେ ଘଟେ। ତେଣୁ ବିଦେହରାଜ ନିମି ନବଯୋଗେନ୍ଦ୍ରଙ୍କର ଶୁଭ ପଦାର୍ପଣରେ ନିଜକୁ କୃତାର୍ଥ ମନେ କରିଛନ୍ତି। ଅତଏବ ସେମାନଙ୍କର ନିକଟରୁ ଯେ ସର୍ବୋତ୍ତମ ବିଷୟ ଜାଣିବା ଦରକାର, ସେହି ବିଷୟରେ ପ୍ରଶ୍ନ କଲେ।

କିନ୍ତୁ ଅତିଥିର ପ୍ରଥମ ଆଗମନରେ ତାଙ୍କର ଶାରୀରିକ କୁଶଳ ଜଣାଇବା ସମୀଚୀନ ଓ ଭଦ୍ରତା ସଙ୍ଗତ ବିଦେହରାଜ ଏହି ଧରଣର କୁଶଳ ପ୍ରଶ୍ନ ନ କରିକି ଭୂଲ କରିଛନ୍ତି ? -ନା' ସେ କିଛିମାତ୍ର ଭୂଲ କରିନାହାନ୍ତି - କାହିଁକିନା ସେମାନେ ସବୁ ସମୟରେ ଆତ୍ମଧର୍ମେ ସୁପ୍ରତିଷ୍ଠିତ, ସେମାନେ ଆତ୍ମାରାମ ଶାରୀରିକ ବା ମାନସିକ କୌଣସି ଦୁଶ୍ଚିନ୍ତା ସେମାନଙ୍କର ନାହିଁ। ଯେଉଁମାନେ ଆତ୍ମାର ରମଣ - ସୁଖେ ଧ୍ୟାନମଗ୍ନ ସେମାନଙ୍କର ଶାରୀରିକ କୁଶଳ - ପ୍ରଶ୍ନ ଜିଜ୍ଞାସା କରିବା ଅସଙ୍ଗତ ଓ ଅସମୀଚୀନ ସେମାନେ ସର୍ବଦା ଆନନ୍ଦ ସାଗରେ ନିମଗ୍ନ ରୁହନ୍ତି; ଦୁଃଖ-କଷ୍ଟ ସେମାନଙ୍କୁ ସ୍ପର୍ଶ କରିପାରେନା । ଆତ୍ମଧର୍ମେ ସୁପ୍ରତିଷ୍ଠିତ ବ୍ୟକ୍ତିର ହୃଦୟରେ ଭଗବାନ ସଦାଜାଗ୍ରତ ରୁହନ୍ତି। ସୁତରାଂ ସେମାନଙ୍କୁ ଭାଗବତ ଧର୍ମ ସମ୍ବନ୍ଧୀୟ ପ୍ରଶ୍ନ ହିଁ ସୁସଙ୍ଗତ ପ୍ରଶ୍ନ ହୋଇପାରେ - ନିମି ତ ତାଙ୍କ ରାଜ୍ୟର କିମ୍ବା ନିଜର କୌଣସି କୁଶଳ ଜାଣି ପାରିଥାନ୍ତେ କିନ୍ତୁ ଏହା ଆହୁରି ମଧ୍ୟ ଅସଙ୍ଗତ। କାହିଁକିନା, ଯେ ମହାଜନ ଦୟାକରି ତାଙ୍କର ଦ୍ୱାର ପ୍ରାନ୍ତକୁ ଆସିଛନ୍ତି, ତାଙ୍କର ଯାହା ଦେବାର ଅଛି, ତାହା ଶ୍ରଦ୍ଧାଚିତ୍ତରେ ଗ୍ରହଣ କରିବା ଉଚିତ। ରାଜ୍ୟର ଅସୁବିଧା କିମ୍ବା ଅନ୍ୟ କୌଣସି ଜଗତ ସଂସାର ର କଥା ଜ୍ଞାପନ କରି ସେମାନଙ୍କର ଅମୂଲ୍ୟ ସମୟ ବୃଥା ବ୍ୟୟ କରିବା ଉଚିତ ନୁହେଁ । ବିଦେହ ରାଜ ନିମିଙ୍କ ପ୍ରଶ୍ନରେ ସଂସାର ସମୁଦ୍ର ଉତ୍ତୀର୍ଣ୍ଣ ହେବାର ପଥ ଖୋଜିଲେ ମିଳିଯାଏ । ନିତ୍ୟକାଳ ନିତ୍ୟଧାମରେ ଶାନ୍ତିରେ ବସବାସ କରିବାକୁ ହେଲେ କ'ଣ କରିବା ଉଚିତ, ତାହାହିଁ ଜିଜ୍ଞାସା କରିଛନ୍ତି। ସୁତରାଂ ଏ ପ୍ରଶ୍ନ ମାନବାତ୍ମାର ଚିରନ୍ତନ ମହାଜିଜ୍ଞାସା।

ଶ୍ରୀ ଭଗବତ ଉପାସନାରେ ଜୀବର ସର୍ବ ଶ୍ରେଷ୍ଠ ମଙ୍ଗଳୋଦୟ।

ବିଦେହ ରାଜ ନିମି -କର୍ତ୍ତୃକ ଜିଜ୍ଞାସିତ ହୋଇ ନବ ଯୋଗେନ୍ଦ୍ରଙ୍କର ଅନ୍ୟତମ ପରମ ଭାଗବତ କବି (Poet) ନୁହେଁ, ଆତ୍ୟନିକ କ୍ଷେମ ଅର୍ଥାତ ପରମମଙ୍ଗଳ କ'ଣ ? ତାହାହିଁ ସବିସ୍ତାର ବର୍ଣନା କରିବାକୁ ଲାଗିଲେ ସେ ଦୈନ୍ୟ ବଶତ କହିଲେ, - ମୁଁ ମନେକରୁଛି ଭଗବାନଙ୍କର ପଦାମ୍ବୁଜ ଉପାସନାହିଁ ସର୍ବୋତ୍ତମ ମଙ୍ଗଳ। ଭଗବତ ଉପାସନା ହିଁ ସର୍ବୋତ୍ତମ ମଙ୍ଗଳ । ଭଗବତ ଉପାସନା ହିଁ ଜୀବଗଜତର ସର୍ବଶ୍ରେଷ୍ଠ ମଙ୍ଗଳଦାୟକ। ଯଦିଓ ସେ ଦୈବବଶତଃ ମୁଁ ମନେକରି ଏଇ ବାଣୀଟି ଉଚ୍ଚାରଣ କରିଛନ୍ତି; ତଥାପି ଆମେ ମନେ ରଖିବା ଉଚିତ - ତାଙ୍କର ଏଇ ବାଣୀ ସାଧାରଣ ଜନଗଣଙ୍କର ମତ ପରି ନୁହେଁ । ସାଧାରଣଙ୍କର ଓ ପରମ ଭାଗବତଙ୍କର Statement( ମତ) ମଧ୍ୟରେ ପାର୍ଥକ୍ୟ ରହିଛି।

*-କ୍ରମଶଃ*

# ଆମ୍ଭେମାନେ ବାଣୀ (କଥା)ର ପିଅନ

**ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର**



ପୂର୍ବ ପ୍ରକାଶିତ ପରେ....

ଆପଣ ଯଦି ସାଧକ ହୁଅନ୍ତି, କେଉଁ ଧାରାରେ ଆପଣଙ୍କର ଜନ୍ମ, କେଉଁ ସମ୍ପ୍ରଦାୟ ଭୁକ୍ତ ଆପଣ - ଭାବି ଦେଖନ୍ତୁ ! ଜଗତରେ କର୍ମି-ଜ୍ଞାନୀ-ଯୋଗୀ ସମ୍ପ୍ରଦାୟ ଛଡ଼ାଛଡ଼ି । ଧର୍ମ ଆଜି ଶତ ଧାରାରେ ବିଭକ୍ତ, ଧର୍ମଧ୍ୱଜୀଗଣ ମହାଭାଗ୍ୟ କ୍ରମେ ଏଇ ସମ୍ପ୍ରଦାୟ ମଧ୍ୟରେ ନ ପଡ଼ନ୍ତୁ, ଶ୍ରୀଳ ଭକ୍ତିବିନୋଦ- ପ୍ରଭୁପାଦଙ୍କ ଧାରାର ନିକୃଷ୍ଟ ସନ୍ତାନ ରୂପରେ ଆମ୍ଭମାନଙ୍କର ଜନ୍ମ । ତାଙ୍କ ଧାରାରେ ସ୍ନାତ, ତାଙ୍କ ପ୍ରିୟଜନ ମାନଙ୍କର ଚରଣ ରଜଃ - ଆପଣଙ୍କ ଦେହରେ ଲାଗି ରହିଛି । ଆମ୍ଭମାନଙ୍କର ଗୁରୁବର୍ଗଙ୍କ କଥା ଶୁଦ୍ଧ କଥା, ଭକ୍ତି ବା ପ୍ରେମର କଥା, ଗୁଞ୍ଜା ଦିଆ ମନୋରଂଜନ ମୂଳକ କଥା ଏଠାରେ ନାହିଁ । ନିର୍ଭେଜାଲ ଓ ବାସ୍ତବ ସତ୍ୟକଥା, ବେଦର ଚରମ ଓ ପରମ ପ୍ରୟୋଜନୀୟ କଥା ଏଇଧାରା ମାଧ୍ୟମରେ ପ୍ରବାହିତ । ଆପଣ ହରିକୀର୍ତ୍ତନ ଆନୁକୂଲ୍ୟକାରୀ ସେବକ 'ଆପଣ ବାଣୀର ପିଅନ' ଆପଣଙ୍କୁ ତାଙ୍କର ବାଣୀ ବହନ କରିବାକୁ ହେବ, ଲୋକଙ୍କ କାନରେ ପହଞ୍ଚାଇବାକୁ ହେବ । ଦ୍ୱାରେ ଦ୍ୱାରେ ଯିବାକୁ ହେବ ଅଥବା ଯେଉଁମାନେ ଶ୍ରଦ୍ଧାଧନ ନେଇ ଆପଣଙ୍କ ସଂସ୍ପର୍ଶରେ ଆସିବେ ସେମାନଙ୍କୁ ଆପଣ ଗୁରୁବାଣୀ କହିବେ ଅଥବା ହୃଦୟରେ ଭରି ଦେବାକୁ ଚେଷ୍ଟା କରିବେ, ନତୁବା ଆପଣ ସେଇ ଧାରାର ଶିଷ୍ୟନୁହଁନ୍ତି । ଆପଣ ହରିକୀର୍ତ୍ତନର ଧାରାରୁ ଶିଖି ନାହାନ୍ତି, ଶବ୍ଦ ବ୍ରହ୍ମର ପ୍ରଭାବ ଜାଣିବାକୁ ଶିଖି ନାହାନ୍ତି, ତା'ର ସେବା କିପରି ଦୈନ୍ୟଭୂଷିତ ହୋଇ କରିବାକୁ ହୁଏ ତାହା ମଧ୍ୟ ଶିଖି ନାହାନ୍ତି ତା'ହେଲେ ଆପଣ ଶିଷ୍ୟ ନୁହଁନ୍ତି ବା ସନ୍ତାନ ନୁହଁନ୍ତି ।

ଏଇ ଶ୍ରୌତ ଧାରାରେ ଯେଉଁମାନଙ୍କର ଜନ୍ମ ସେମାନେ ଜାଣନ୍ତି 'ବାଣୀ' କି ବସ୍ତୁ, 'ବାଣୀ' ଶବ୍ଦ ବ୍ରହ୍ମ, ସ୍ୱୟଂ ଭଗବାନଙ୍କ 'ଶବ୍ଦ' ରୂପେ ଅବତାର ବିଶେଷ, ଏଇ ବାଣୀର ଶ୍ରୌତ ଧାରା ବହନକାରୀ ଆମ୍ଭମାନଙ୍କର ମଠ ବା ମିଶନ । ଯେଉଁମାନେ ଏଇ ଧାରାର ସେବକ ହେବେ - ସେମାନଙ୍କର ସର୍ବପ୍ରଥମ ଗୁରୁମୁଖରୁ ଶ୍ରବଣ ଓ ପରେ କୀର୍ତ୍ତନ ଯୋଗ୍ୟତା ଲାଭ କରିବାକୁ ହେବ । ଶରଣାଗତି, ଦୈନ୍ୟ, ଦୟା ପ୍ରତିଷ୍ଠାତା ଶୂନ୍ୟତା ଆଦି ଗୁଣରେ ଗୁଣି ହୋଇ ଏଇ ଧାରାର ସେବା କରାଯାଏ । ଶ୍ରୀମନ୍ ମହାପ୍ରଭୁଙ୍କ ଆଦେଶ -

"ଦୈନ୍ୟ ଦୟା ଅନ୍ୟେମାନ ପ୍ରତିଷ୍ଠାବର୍ଜନ । / ଚାରିଗୁଣେ ଗୁଣୀ ହୟେ କରହ କୀର୍ତ୍ତନ ।"

ପ୍ରଣାମ, ପ୍ରଣାମୀ ଆଉ ପ୍ରତିଷ୍ଠା - ଏଇ ତିନି 'ପ୍ର' ଯାହାର ଜୀବନରେ ପ୍ରାଧାନ୍ୟ ପାଇ ନାହିଁ ସେ ପ୍ରକୃତ ସେବକ । ତାଙ୍କ ଶ୍ରୀମୁଖର 'ହରିକଥା' ବା 'ଗୁରୁବାଣୀ' ଶୁଦ୍ଧ ନିର୍ମଳ ଏବଂ ଜୀବର ବାସ୍ତବ କଲ୍ୟାଣକାରୀ । ଏଇଭଳି ପିଅନ ଆମ୍ଭମାନଙ୍କୁ ହେବାକୁ ହେବ ।

ଧରାଯାଉ ଆପଣଙ୍କ ନାଁ ଥିଲା ପଞ୍ଚାନନ ସରଦାର । ଏଇ ଧାରାରେ ଆସି ଦୀକ୍ଷିତ ହୋଇ ଆପଣ ହୋଇଛନ୍ତି ପୂର୍ଣ୍ଣତୀର୍ଥ ଦାସାଧିକାରୀ । ଆପଣ ଭାବି ଦେଖନ୍ତୁ ଆପଣଙ୍କର ଅଧିକାର କ'ଣ – କେଉଁଥିରେ ଆପଣ ଅଧିକାରୀ ? ଯଦି ପ୍ରଶ୍ନ ମନରେ ଜାଗେ ତା'ହେଲେ ତା'ର ଉତ୍ତର ହେଲା ଆପଣ ଏଇ ହରିକୀର୍ତ୍ତନ ଯଜ୍ଞର ଚାଉଳ ଡାଲି – ଅର୍ଥ ବା ଶ୍ରମ ପ୍ରଦାନର ଅଧିକାରୀ । ନାମଅନୁସାରେ କାମ କରନ୍ତୁ; ଜୀବନର ଶେଷ ଶ୍ୱାସବିନ୍ଦୁ ପର୍ଯ୍ୟନ୍ତ ଏଇଟିକୁ ଆପଣଙ୍କୁ କରିଯିବାକୁ ହେବ । ଖାଲି ତାହା ନୁହେଁ ଜନ୍ମେ ଜନ୍ମେ ଆପଣଙ୍କର ଏହି କାର୍ଯ୍ୟ ଏଇ ଠିକା ଗୁରୁବର୍ଗ ଆପଣଙ୍କୁ ଦେଇଛନ୍ତି । ଆପଣଙ୍କର ଅନ୍ୟ କୌଣସି କାର୍ଯ୍ୟ ବା ସେବା ବା ଦାୟିତ୍ୱ ନାହିଁ ବୋଲି ଜାଣିବେ । ଆପଣ ମଠର ବ୍ରହ୍ମଚାରୀ ବା ସନ୍ୟାସୀ । ଆପଣଙ୍କ ସେବା କ'ଣ ? ଗୋ-ସେବା, ଝାଡୁଦେବା, ଚାନ୍ଦା ଭିକ୍ଷା କରିବା । ଯଦି ତା' ହୁଏ ତା'ହେଲେ ଏଗୁଡ଼ିକ ଆପଣଙ୍କର ମୁଖ୍ୟ ସେବା ନୁହେଁ । ଏହା ଦ୍ୱାରା ଇନ୍ଦ୍ରିୟଶୁଦ୍ଧି, ଅନର୍ଥ ଦୂରୀକରଣ ବିଷୟରେ ସାହାଯ୍ୟ ହୋଇପାରେ ଠିକ୍ କିନ୍ତୁ ସେବା ଗୁଡ଼ିକ ପ୍ରାଥମିକ ଅବସ୍ଥାରେ ସେବା ଆଉ ମୁଖ୍ୟ ସେବା ଗୋକୁଳର – ମହୋତ୍ସବ ସ୍ୱରୂପ ହରିକୀର୍ତ୍ତନରେ ଆତ୍ମୋତ୍ସର୍ଗ କରିବା । ବାଣୀର ଚର୍ଚ୍ଚା କରିବା । ଶବ୍ଦବ୍ରହ୍ମ ସ୍ୱରୂପ ଏଇ ସମସ୍ତବାଣୀ କର୍ଣ୍ଣେ କର୍ଣ୍ଣେ ପହଞ୍ଚାଇ ଦେବା । ଏ ଛଡ଼ା ଆଉ କିଛି ସେବା ସେଗୁଡ଼ିକ ଏଇ ସେବାର ହିଁ ଆନୁସଙ୍ଗିକ ବା ଆନୁକୂଲ୍ୟକାରୀ ସେବା । ଗୁରୁବର୍ଗଙ୍କର ବାଣୀର ପିଅନ ହେବା ବ୍ୟତୀତ ଆପଣଙ୍କର କୌଣସି ସେବା ନାହିଁ । ପିଅନ ଘରେ ଘରେ ଯାଇ ଚିଠି ଦିଏ । ଯାହାର ଚିଠି ନାହିଁ ତା' ଘରକୁ ଯାଏନା । ମାସ ଶେଷରେ ବେତନ ନିଏ । ଆପଣ ଶ୍ରଦ୍ଧାଶୀଳ ବ୍ୟକ୍ତିଙ୍କ ଘରକୁ ଯିବେ, ତାଙ୍କ ନିକଟରେ ଗୁରୁବାଣୀ କୀର୍ତ୍ତନ କରିବେ, ହରି ସେବାରେ ଉଦ୍‌ବୁଦ୍ଧ କରିବେ । ଆଉ ଜୀବନର ଶେଷ ଭାଗରେ ସାଧନର ପରିପକ୍ୱତା ଲାଭ କରି ପ୍ରେମଧନ ନେଇଯିବେ ।

"ଦାସ କରି ବେତନ ମୋରେ ଦେହ ପ୍ରେମଧନ' – ଏଇ ଆମ୍ଭମାନଙ୍କର ଭାବ, ସେବା ବା ଦାୟିତ୍ୱ ତାହା ନ କରି ପ୍ରଣାମ-ପ୍ରଣାମୀ ପ୍ରତିଷ୍ଠା ପାଇ ଏଗୁଡ଼ିକୁ ବେତନ ମନେ କଲେ ସବୁ ଶେଷ ହୋଇଯିବ ।

ସନ୍ୟାସୀ, ତ୍ରିଦଣ୍ଡୀ, ଲାଲ କପଡ଼ା ପିନ୍ଧା ସାଧୁ – ଏସବୁ ଦେଖି ତ୍ରିତାପଗ୍ରସ୍ତ ଜୀବ ଆମ୍ଭମାନଙ୍କୁ ପ୍ରଣାମ କରେ । ଆଉ ଆମେ ବେତନ ବୋଲି ଏଇଟାକୁ ଆତ୍ମସାତ କଲେ । ତା'ହେଲେ ଗୋଟିଏ କ୍ଷତି ପ୍ରେମଲାଭରରୁ ବଞ୍ଚିତ ହେବା । ଆମ୍ଭମାନଙ୍କର ସାଧୁଦର୍ଶନ, ଲାଲକପଡ଼ା, ସନ୍ୟାସ ସବୁକିଛି ଗୁରୁଦେବଙ୍କର ଦେଇଥିବା ସମ୍ପତ୍ତି । ଏହାର ଲାଭ ଗୁରୁଦେବ ପାଇବେ । ମଝିବାଟରେ ମାରିନେଲି, ଭଲ ହେଲା ନାହିଁ – ଏଭଳି ଦୁରାବସ୍ଥା ଆମ୍ଭମାନଙ୍କର ନ ହେଉ । ଆମ୍ଭେମାନେ ପିଅନ । ଆମ୍ଭମାନଙ୍କର ଯାହାକିଛି ପ୍ରାପ୍ୟ ସେଗୁଡ଼ିକୁ ଗୁରୁଦେବ ବା ଭଗବାନଙ୍କ ପାଖରେ ପହଞ୍ଚାଇ ଦେବା ଆମ୍ଭମାନଙ୍କର କାମ । ଗୋଟିଏ ଭଲ କୀର୍ତ୍ତନ ଗାଇଲି, ଲୋକ ପ୍ରଶଂସା କଲେ, ସଙ୍ଗେ ସଙ୍ଗେ କହିବାକୁ ହେବ ଯେ 'ଗୁରୁଦେବ ଏଭଳି ଶିଖାଇଛନ୍ତି, ସବୁ କୃତିତ୍ୱ ତାଙ୍କର ।' ପାଠଟି ସୁନ୍ଦର ହୋଇଛି ବୋଲି ଲୋକ ପ୍ରଶଂସା କରୁଛନ୍ତି । ଏଇ ପ୍ରଶଂସା ଶୁଣିବା ମାତ୍ରେ ହିଁ ଚକ୍ଷୁଟି ବନ୍ଦ କରି ଗୁରୁଦେବଙ୍କର ସ୍ମରଣ କର । ନଚେତ କାହାରି ନିତ୍ୟ ମଙ୍ଗଳ ଲାଭ ହୁଏନା । ଜଗତର ବ୍ୟାପାର ହୋଇ ଛିଡ଼ା ହୁଏ । ବାଣୀ ଲେନ୍-ଦେନ୍ ଅଦା-ପିଆଜର ବ୍ୟବସାୟ ନୁହେଁ, ପ୍ରେମ ରାଜ୍ୟର ସେବା ଆତ୍ମାର ସମ୍ବନ୍ଧରେ ଏଇ ସେବାର କୌଣସି ତୁଳନା ହୁଏନା ।

ନିତାଇ – ଗୌର – ହରି ବୋଲ ।

# ଅନୁସନ୍ଧାନ

**ସଦାଶିବ ପଣ୍ଡା**

॥୧॥
ରାଧାପୁର ଗ୍ରାମେ ମଠଟିଏ କରି
ରହନ୍ତି ମୁରାରି ବାବା
ଶିଷ୍ୟଙ୍କ ସହିତ ରାଧାକୃଷ୍ଣଙ୍କର
ନିତ୍ୟ କରିଥାନ୍ତି ସେବା ।

॥୨॥
ଦିନେ ସନ୍ଧ୍ୟାବେଳେ ଚହଲ ଶୁଭିଲା
ସାହିର ମାଧବ କର
ଆତ୍ମହତ୍ୟା ପାଇଁ ବିଷ ଶିଶି ଧରି
ହେଉଥିଲା ଅଗ୍ରସର ।

॥୩॥
ସମସ୍ତେ ଏଥିରୁ ନିବୃତ୍ତ କରାଇ
ମଠକୁ ଆଣିଲେ ଧରି
ବାବା ପଚାରିଲେ କାହିଁରେ ବାବୁରେ
ଜୀବନ ଥାଆନ୍ତୁ ହାରି ।

॥୪॥
ମାଧବ କହିଲା କି କହିବି ବାବା
ମୋହର ଦୁଃଖର କଥା
ଜୀବନରେ ସୁଖ ନ ପାଇଲି ଲେଶ
ଜୀବନ ହୋଇଲା ବୃଥା ।

॥୫॥
ଘର ଭାଙ୍ଗିଗଲା ମରୁଡ଼ି ପଡ଼ିଲା
ପରିବାର ହନ୍ତସନ୍ତ
ଜୀବନଟା ଆଉ ଲୋଡ଼ାନାହିଁ ମୋର
ଭାବୁଛି କରିବି ଅନ୍ତ ।

॥୬॥
ବାବାଜୀ କହିଲେ ଜୀବନ ତୋହର
କୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ
କୌଣସି ଲୋକର ନାହିଁ ଅଧିକାର
କରିବାକୁ ତାକୁ ହତ ।

॥୭॥
ସୁଖ ପାଇଁ ଯଦି ବ୍ୟାକୁଳ ହେଉଛୁ
ବୁଲିଯା ସାରା ସଂସାର
କେଉଁଠାରେ ଦେଖ ସୁଖ ମିଳୁଅଛି
ଯାଇ କର ଆବିଷ୍କାର ।

॥୮॥
ବହୁ ଧନବାନ କୋଟିପତି ଜନ
ରହନ୍ତି ସାରା ସଂସାରେ
ତାହାଙ୍କୁ ପଚାର ସୁଖ କି ନା ତାର
ଭେଟିବ ଆସି ତାପରେ ।

||୯||
ବାବାଜିଙ୍କଠାରୁ ବିଦାୟ ନେଇଣ
ମାଧବ ବାହାରି ଘରୁ
ପହଞ୍ଚିଲା ଯାଇ ଅନ୍ୟ ଏକ ଗ୍ରାମେ
ପ୍ରାସାଦ ଦେଖିଲା ଦୂରୁ।

||୧୦||
ଶୁଣିଲା ସେଠାରେ ରହୁଛନ୍ତି ଜଣେ
ସେଠ, ନାମ ରଘୁପତି
ତାହାଙ୍କ ପାଖକୁ ଯାଇଣ କହିଲା
ତୁମେ ଜଣେ ସୁଖୀ ଅତି ।

||୧୧||
ଶେଠ ଜୀ କହିଲେ ରୋଗାକ୍ରାନ୍ତହୋଇ
ପାଉଅଛି ବଡ଼ ଦୁଃଖ
ମରଣ ପାଇଁକି ଅପେକ୍ଷା କରିଛି
ଡାକୁଛି ହେ ପ୍ରଭୁ ରଖ ।

||୧୨||
ଅନ୍ୟ ଜଣେ ବ୍ୟବସାୟୀଙ୍କୁ ମାଧବ
କରିଲା ଯାଇ ସାକ୍ଷାତ
କହିଲା ତୁମେ ହିଁ ଏହି ଜଗତର
ସବୁଠାରୁ ସୁଖୀ ଲୋକ ।

||୧୩||
ପୁତ୍ର କନ୍ୟା ମୋର କିଛି ନାହିଁ ମୋତେ
ସାହାଯ୍ୟ କରିବା ପାଇଁ
ପ୍ରତିଦିନ ଆମ ଦୁଃଖରେ କଟୁଛି
କହିଲା ସେ ବ୍ୟବସାୟୀ ।

||୧୪||
ଏହିପରି ଆଉ ବହୁ ଜାଗା ବୁଲି
ଶେଷରେ ମାଧବ କର
ପହଞ୍ଚିଲା ଯାଇ ବାବାଜୀଙ୍କ ପାଖେ
ଲୋଟିଲା ତାଙ୍କ ପୟର।

||୧୫||
କହିଲା ବୁଝିଲି ବହୁ ଜାଗା ବୁଲି
ସମସ୍ତେ ପାଆନ୍ତି ଦୁଃଖ
ତେବେମହାରାଜ କହ ମୋତେ ତୁମେ
କେଉଁଠି ରହିଛି ସୁଖ ।

||୧୬||
କହିଲେ ମୁରାରୀ ଯିଏ ଦୁଃଖହାରୀ
ତାହାଙ୍କୁ ଭଜନ କର
କରୁଣା ନିଧାନ ତାହାଙ୍କର ନାମ
ସିଏ ସୁଖର ଭଣ୍ଡାର।

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

ଶ୍ରୀଳ ସନାତନ ଗୋସ୍ୱାମୀ କହିଛନ୍ତି -

ଏବଂ ଶ୍ରୀଭଗବାନ ସର୍ବୈଃ ଶାଳଗ୍ରାମଶିଳାତ୍ମକଃ
ଦ୍ୱିଜୈଃ ସ୍ତ୍ରୀଭିଶ୍ଚ ଶୂଦ୍ରୈଶ୍ଚ ପୂଜ୍ୟୋ ଭଗବତଃ ପରୈଃ ।
ବ୍ରାହ୍ମଣ- କ୍ଷତ୍ରିୟ ବିଶାଂ ସଚ୍ଛୂଦ୍ରାଣାମଥାପି ବା
ଶାଳଗ୍ରାମେଽଧିକାରୋଽସ୍ତି ନ ଚାନ୍ୟେଷାଂ କଦାଚନ । (ଶ୍ରୀହରିଭକ୍ତିବିଳାସ, ୫/ ୨ ୨୩-୨ ୨୪)

ଉକ୍ତ ଶ୍ଳୋକର ଟୀକାରେ ଶ୍ରୀଳ ସନାତନ ଗୋସ୍ୱାମୀ କହିଛନ୍ତି, - ଯଥାବିଧ ଦୀକ୍ଷା ନେବା ଦ୍ୱାରା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ସ୍ତ୍ରୀ ଏବଂ ଶୂଦ୍ର ସଭିଏଁ ଶାଳଗ୍ରାମ ଶିଳାରୂପୀ ଭଗବାନଙ୍କୁ ପୂଜା ପାଇଁ ଅଧିକାରୀ ହୁଅନ୍ତି ସତ୍‌ଶୂଦ୍ରର ତାତ୍ପର୍ଯ୍ୟ ହେଉଛି ଦୀକ୍ଷାପ୍ରାପ୍ତ ଶୂଦ୍ର ଦୀକ୍ଷାପ୍ରାପ୍ତ ହେଲେ ଶୂଦ୍ର ଆଉ ଶୂଦ୍ର ରହେ ନାହିଁ। ଶାସ୍ତ୍ରରେ କେଉଁଠି କେଉଁଠି ସ୍ତ୍ରୀ ଏବଂ ଶୂଦ୍ରଙ୍କ ପାଇଁ ଶାଳଗ୍ରାମ- ଶିଳା- ସେବାରେ ନିଷେଧ ବାକ୍ୟ ଦେଖାଯାଏ, କିନ୍ତୁ ଦୀକ୍ଷିତ ବ୍ୟକ୍ତିଙ୍କ ପାଇଁ ଏହି ନିଷିଦ୍ଧ ବଚନ ନାହିଁ ତାହାକୁ ଅଦୀକ୍ଷିତ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ ବୋଲି ଜାଣିବାକୁ ହେବ। "ଯଥାବିଧି ଦୀକ୍ଷାଃ ଗୃହୀତ୍ୱା ଭଗବତ୍‌ପୂଜାପରୈଃ ସଭିରିତ୍ୟର୍ଥଃ।"

'ଶ୍ରୀଭକ୍ତିରସାମୃତସିନ୍ଧୁ'ରେ ଶ୍ରୀମଭାଗବତର ( ୧ ୧-୩- ୨ ୨) ଶ୍ଳୋକକୁ ଉଦ୍ଧୃତ କରି କହିଛନ୍ତି -

ତତ୍ର ଭାଗବତାନ ଧର୍ମାନ ଶିକ୍ଷେଦ ଗୁର୍ବାତ୍ମଦୈବତଃ ।
ଅମାୟୟାନୁବୃତ୍ୟା ଯୈସ୍ତୁଷ୍ୟେଦାତ୍ମାତ୍ମଦୋ ହରିଃ ।।

ଅର୍ଥାତ ଶ୍ରୀଗୁରୁଦେବଙ୍କୁ ନିଜ ହିତକାରୀ ପରମ ବାନ୍ଧବ ଏବଂ ପରମାରାଧ ହରି-ସ୍ୱରୂପ ଜାଣି ନିରନ୍ତର ନିଷ୍କପଟଭାବରେ ତାଙ୍କୁ ଅନୁସରଣ କରିବା ଉଚିତ ଏବଂ ତାଙ୍କ ଠାରୁ ସେହି ଭାଗବତଧର୍ମର ଶିକ୍ଷା ଗ୍ରହଣ କରିବା ଉଚିତ, ଯାହାର ଅନୁଶୀଳନରେ ଆତ୍ମପ୍ରଦ ହରି ସନ୍ତୁଷ୍ଟ ହୋଇ ଥାଆନ୍ତି

### (୩) ପ୍ରୀତିପୂର୍ବକ ଶ୍ରୀଗୁରୁସେବା

ଶ୍ରୀମଭାଗବତରେ ଶ୍ରୀକୃଷ୍ଣ ସ୍ୱୟଂ ଉଦ୍ଧବଙ୍କୁ କହିଛନ୍ତି- ଆଚାର୍ଯ୍ୟଙ୍କୁ ମୋ' ସ୍ୱରୂପ ବୋଲି ଜାଣ, କେଭେ ତାଙ୍କୁ ଅବଜ୍ଞା କର ନାହିଁ, ତାହାଙ୍କୁ ସାଧାରଣ ମନୁଷ୍ୟ ମଣି ତାହାଙ୍କ ଦୋଷ ଦର୍ଶନ କରିବା ଉଚିତ ନୁହେଁ, ଯେହେତୁ ଗୁରୁଦେବ ସର୍ବଦେବମୟ ଅଟନ୍ତି ଯେଉଁ ଅନର୍ଥସମୁହ ବଡ଼ ବଡ଼ କଠୋର ସାଧନାଦ୍ୱାରା ଦୂର ହୁଏ ନାହିଁ, ସେ ସବୁ ଶ୍ରୀଗୁରୁଦେବଙ୍କ କୃପାରୁ ( ଶ୍ରୀଗୁରୁଦେବଙ୍କୁ ନିଷ୍କପଟ ସେବାଦ୍ୱାରା ପ୍ରାପ୍ତ କୃପାରୁ) ଅନାୟାସରେ ଦୂର ହୋଇଯାଏ।

"ଯସ୍ୟ ପ୍ରସାଦାଦ୍ଭଗବତ୍ପ୍ରସାଦୋ, ଯସ୍ୟାପ୍ରସାଦାନ୍ ଗତିଃ କୁତୋଽପି - ଯାହାଙ୍କ କୃପା ହିଁ ଭଗବଦ୍‌କୃପା ଅଟେ ଭଗବାନ ଅପ୍ରସନ୍ନ ହେଲେ ଗୁରୁ ତାଙ୍କୁ ପ୍ରସନ୍ନ କରିଦିଅନ୍ତି, କିନ୍ତୁ ଶ୍ରୀଗୁରୁଦେବ ରୁଷ୍ଟ ହେଲେ ଭଗବାନ ମଧ୍ୟ ସେହି ଅପରାଧୀ ବ୍ୟକ୍ତିଙ୍କୁ କେଭେ କ୍ଷମା କରନ୍ତି ନାହିଁ। ଅତଃ ଶ୍ରୀଗୁରୁଦେବଙ୍କୁ ନିଜର ପରମ ବାନ୍ଧବ ଜାଣି ପ୍ରୀତିପୂର୍ବକ ତାଙ୍କୁ ସେବା କରିବା ଉଚିତ।

କେତେକ ଅତତ୍ତ୍ୱ (ତତ୍ତ୍ୱଜ୍ଞାନରହିତ) ବ୍ୟକ୍ତି କେବଳ- ମାତ୍ର ଗୁରୁଙ୍କୁ ହି ଭଗବାନ ମଣି ସେବା କରନ୍ତି, ପୃଥକ୍ ରୂପେ ଭଗବଦ୍ ସେବାର ବା ଭଜନର କୌଣସି ଆବଶ୍ୟକତା ନାହିଁ ବୋଲି କହନ୍ତି ଏପରିକି ସେମାନେ ଶ୍ରୀଗୁରୁଙ୍କ ଚରଣରେ ତୁଳସୀ ଆଦି ଅର୍ପଣ କରନ୍ତି । ଏପରି ବିଚାର ଶାସ୍ତ୍ରବିରୁଦ୍ଧ ଅଟେ। ଶାସ୍ତ୍ରବିଚାର ଅନୁସାରେ ଭଗବାନଙ୍କ ଠାରେ ଯେପରି ପରାଭକ୍ତି ହୁଏ ଶ୍ରୀଗୁରୁଙ୍କ ଚରଣରେ ମଧ୍ୟ ସେପରି ଭକ୍ତି ହେବା ଉଚିତ ଅନ୍ୟଥା ତାହାର ସାଧନ-ଭଜନ ସବୁକିଛି ନିଷ୍ଫଳ ହୋଇଯାଏ ଯଥା -

ଯଥା ଦେବେ ପରାଭକ୍ତି ଯଥା ଦେବେ ତଥା ଗୁରୌ।
ତସ୍ୟୈତେ କଥିତା ହ୍ୟର୍ଥା ପ୍ରକାଶନ୍ତେ ମହାତ୍ମନଃ (ଶ୍ୱେ. ଶୃ. ୬/୨୩)

**୪-ସାଧୁମାର୍ଗର ଅନୁସରଣ**

ଯେ କୌଣସି ଉପାୟରେ କୃଷ୍ଣଙ୍କ ଚରଣରେ ମନ ଲଗାଇବାକୁ ହିଁ ସାଧନ-ଓ ଭକ୍ତି କୁହାଯାଇପାରେ ସତ, କିନ୍ତୁ ପୂର୍ବ ମହାଜନମାନେ ଯେଉଁ ମାର୍ଗକୁ ଅନୁସରଣ କରି ଭଗବଦ୍ ପ୍ରାପ୍ତି ହୋଇଛନ୍ତି, ସେହି ମାର୍ଗ ହିଁ ଅନୁସରଣୀୟ ! ଯେହେତୁ ସେହି ମାର୍ଗ ସର୍ବଥା ଦୁଃଖରହିତ, ଶ୍ରମରହିତ ଏବଂ ସମସ୍ତ କଲ୍ୟାଣର ହେତୁ ଅଟେ, ଯଥା- -

ସ ମୃଗ୍ୟଃ ଶ୍ରେୟସାଂ ହେତୁଃ ପନ୍ଥାଃ ସନ୍ତାପବର୍ଜିତଃ ।
ଅନବାପ୍ତଶ୍ରମଂ ପୂର୍ବେ ଯେନ ସନ୍ତଃ ପ୍ରତସ୍ଥିରେ ।। (ଭ. ର, ସି. ୧/୨/୧୦୦ ଧୃତ, ସନ୍ଦବଚନ)

କୌଣସି ପନ୍ଥା କୌଣସି ଗୋଟିଏ ବ୍ୟକ୍ତି ଦ୍ୱାରା ସୁନ୍ଦରରୂପେ ନିରୂପିତ ହୁଏ ନାହିଁ। ପୂର୍ବ ପୂର୍ବ ମହାଜନମାନେ ଗୋଟିଏ ପରେ ଗୋଟିଏ କ୍ରମଶଃ ସେହି ଭକ୍ତିଯୋଗ ପଥକୁ ସଫା-ସୁତୁରା ଏବଂ ନିଷ୍କଣ୍ଟକ କରିଛନ୍ତି। ସେହି ପଥର ଛୋଟ-ମୋଟ ସମସ୍ତ ବାଧା-ବିଘ୍ନକୁ ଦୂରକରି ତାହାକୁ ସହଜ ଓ ନିର୍ଭୟ କରିଛନ୍ତି। ସେଥିପାଇଁ ସେହି ମାର୍ଗକୁ ଅବଲମ୍ବନ କରିବା ଉଚିତ ! ଶ୍ରୁତି, 'ସ୍ମୃତି, ପୁରାଣ ଓ ପଞ୍ଚରାତ୍ର-ଏହି ଶାସ୍ତ୍ରମାନଙ୍କରେ ଦିଆଯାଇଥିବା ବିଧିକୁ ଉଲ୍ଲଙ୍ଘନ କରି ଯଦି ହରିଙ୍କୁ ଐକାନ୍ତିକୀ. ଅର୍ଥାତ ଅନନ୍ୟା ଭକ୍ତି କରାଯାଏ ତେବେ ମଧ୍ୟ କଲ୍ୟାଣ ହୋଇପାରିବ ନାହିଁ ବରଂ ତାହାକୁ ଉତ୍ପାତର ହେତୁ ବୋଲି ଜାଣିବା ଉଚିତ। ଯଥା-

ଶ୍ରୁତି-ସ୍ମୃତି ପୁରାଣାଦି ପଞ୍ଚରାତ୍ର-ବିଧିଂ ବିନା / ଐକାନ୍ତିକୀ ହରେର୍ଭକ୍ତିରୁତ୍ପାତାୟୈବ କଳ୍ପତେ ।

( ବ୍ରହ୍ମଯାମଳବାକ୍ୟ, ଭ. ର. ସି. ଧୃତ)

ଏବେ ପ୍ରଶ୍ନ ଉଠିପାରେ ଯେ, ହରିଙ୍କ ପ୍ରତି ଅନନ୍ୟା ଭକ୍ତି ଉତ୍ପତ୍ତିର ହେତୁ କିଭଳି ହୋଇପାରେ ? ତାହାର ଉତ୍ତର ହେଉଛି-ଶୁଦ୍ଧଭକ୍ତିର ଐକାନ୍ତିକ ଭାବ ଅର୍ଥାତ ଅନନ୍ୟ ଭାବ ପୂର୍ବ- ମହାଜନଙ୍କ ଦ୍ୱାରା ପ୍ରଦର୍ଶିତ- ପଥକୁ ଅବଲମ୍ବନ କରିବା ଦ୍ୱାରା ହିଁ ମିଳିଥାଏ। ପୂର୍ବ ମହାଜନମାନଙ୍କ ପଥକୁ ଛାଡ଼ି କିଛି ନୂଆ ପଥ ସୃଷ୍ଟି କଲେ, ତାହା ଦ୍ୱାରା ଐକାନ୍ତିକ ଭାବ ମିଳେ ନାହିଁ। ସେଥିପାଇଁ ଦତ୍ତାତ୍ରେୟ, ବୁଦ୍ଧ ଆଦି ଅର୍ବାଚୀନ ପ୍ରଚାରକମାନେ ଶୁଦ୍ଧଭକ୍ତିର ତାତ୍ପର୍ଯ୍ୟକୁ ନ ବୁଝି ପାରିବା ହେତୁ ତାହାର କିଛି କିଛି ଭାବାଭାସକୁ ଗ୍ରହଣ କରି କେହି ମାୟାବାଦମିଶ୍ର, କେହି ନାସ୍ତିକତାମିଶ୍ର ଗୋଟିଏ ଗୋଟିଏ ପଥକୁ ଦେଖାଇ ସେଥିରେ ଐକାନ୍ତିକୀ ହରିଭକ୍ତିର ଆରୋପ କରିଛନ୍ତି । କିନ୍ତୁ ବାସ୍ତବରେ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥ ବା ମାର୍ଗ ହରିଭକ୍ତି ନୁହେଁ -ଉତ୍ପାତ ବିଶେଷ ଅଟେ ! ରାଗମାର୍ଗୀୟ ଭଜନରେ ସ୍ମୃତି, ଶ୍ରୁତି-ପୁରାଣ ଏବଂ ପଞ୍ଚରାତ୍ର ଆଦି ବିଧିର କୌଣସି ଅପେକ୍ଷା ନାହିଁ, ସେଠାରେ କେବଳ ବ୍ରଜଜନଙ୍କ ଅନୁଗମନର ହିଁ ଅପେକ୍ଷା ହୋଇଥାଏ। କିନ୍ତୁ ବିଧିମାର୍ଗରେ ଅଧିକାରୀ ସାଧକଙ୍କୁ ଧ୍ରୁବ- ପ୍ରହ୍ଲାଦ- ନାରଦ-ବ୍ୟାସ-ଶୁକ ଆଦି ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଏକମାତ୍ର ଭକ୍ତିପଥର ଅବଲମ୍ବନ କରିବା ଉଚିତ।

ବିଶେଷତଃ କଳିଯୁଗପାବନାବତାରୀ, ଶ୍ରୀରାଧା ଭାବ-ଦ୍ୟୁତି- ସୁବଳିତ ଶ୍ରୀଶଚୀନନ୍ଦନ ଗୌରହରିଙ୍କ ପରିକର ଶ୍ରୀରୂପ, ଶ୍ରୀସନାତନ, ରଘୁନାଥ ଦାସ ଗୋସ୍ୱାମୀ ଆଦି ପରବର୍ତ୍ତୀ ମହାଜନଙ୍କ ପଥକୁ ଅନୁସରଣ କରିବା ଉଚିତ। ତାହା ଅଧିକ କଲ୍ୟାଣପ୍ରଦ ଅଟେ। ଅତଏବ ବୈଧ ଭକ୍ତମାନଙ୍କ ପାଇଁ ସାଧୁମାର୍ଗ ଅନୁସରଣ ବ୍ୟତୀତ ଅନ୍ୟ କୌଣସି ଦ୍ୱିତୀୟ ଉପାୟ ନାହିଁ ।

**(୫) ଭଜନ-ରୀତି- ନୀତିର ଅଥବା ସଦ୍ଧର୍ମର ଜିଜ୍ଞାସା ବିଷୟକ ପ୍ରଶ୍ନ**

ସଦ୍ଧର୍ମର ଅର୍ଥ ହେଉଛି ସତ୍ୟ ଧର୍ମ ଅଥବା ସତ୍ୟ ସାଧୁମାନଙ୍କ ଧର୍ମ। ସେମାନେ ଭଗବଦ୍ପ୍ରାପ୍ତି ପାଇଁ ଯେଉଁ ନୀତିମାନଙ୍କୁ ଆପଣେଇଛନ୍ତି, ସାଧକକୁ ସାଧୁସଙ୍ଗରେ ସେଇ ରୀତି-ନୀତିମାନଙ୍କ ସମ୍ବନ୍ଧରେ ପଚାରିବା ଉଚିତ। ସେଗୁଡ଼ିକୁ ବୁଝିବା ପାଇଁ ଅତ୍ୟନ୍ତ ଆଗ୍ରହପୂର୍ବକ ଜିଜ୍ଞାସା କରିବାକୁ ସଦ୍ଧର୍ମର ଜିଜ୍ଞାସା କୁହାଯାଏ। ନାରଦପଞ୍ଚରାତ୍ରରେ ଏପରି କୁହାଯାଇଛି -

> ଅଚିରାଦେବ ସର୍ବାର୍ଥଃ ସିଦ୍ଧ୍ୟତ୍ୟେଷାମଭୀପ୍ସିତଃ ।
> ସଦ୍ଧର୍ମସ୍ୟାବବୋଧାୟ ଯେଷାଂ ନିର୍ବନ୍ଧିନୀ ମତିଃ ।। (ଭ, ର. ସି. ୧/୨/୧୦୩)

ଅର୍ଥାତ ଭକ୍ତିର ରୀତି-ନୀତି ରୂପକ ସଦ୍ଧର୍ମର ଜ୍ଞାନ ପାଇଁ ଯାହାଙ୍କ ମତି ଅତିଶୟ ଆଗ୍ରହଯୁକ୍ତ ଅଟେ, ତାହାଙ୍କ ସର୍ବ-ଅଭୀଷ୍ଟ ଅତ୍ୟନ୍ତ ଶୀଘ୍ର ହିଁ ସିଦ୍ଧି ହୁଏ।

**(୬) କୃଷ୍ଣାର୍ଥେ ଅଖିଳ ଭୋଗ-ତ୍ୟାଗଃ**

ଆହାର-ବିହାର ଆଦି ଦ୍ୱାରା ସୁଖଭୋଗିବାର ନାମ ହେଉଛି ଭୋଗ । ଏହିପ୍ରକାର ଭୋଗ ପ୍ରାୟତଃ ଭଜନ-ବିରୋଧୀ ଅଟେ। କୃଷ୍ଣଭଜନ ଉଦ୍ଦେଶ୍ୟରେ ସେହି ସେହି ଭୋଗମାନଙ୍କୁ ପରିତ୍ୟାଗ କଲେ ଭଜନ ସୁଲଭ ହୁଏ।

ମଦ୍ୟପ ବ୍ୟକ୍ତି ଭଳି ଭୋଗରେ ଆସକ୍ତ ବ୍ୟକ୍ତି ଭୋଗରେ ଲିପ୍ତ ରହିଥିବା ହେତୁ ଶୁଦ୍ଧ ଭଗବଦ୍-ଭଜନ କରିପାରେ ନାହିଁ। ତେଣୁ କେବଳ ଭଗବଦ୍-ପ୍ରସାଦ ହିଁ ସେବା କରିବା ଉଚିତ। ଏକାଦଶୀ, ଜନ୍ମାଷ୍ଟମୀ, ରାମନବମୀ, ଫାଲଗୁନ-ପୂର୍ଣ୍ଣିମା ଅଥବା ଗୌର ପୂର୍ଣ୍ଣମୀ, ନୃସିଂହ ଚତୁର୍ଦଶୀ ଅଦି ତିଥିମାନଙ୍କରେ ଭୋଗମାନଙ୍କୁ ତ୍ୟାଗ କରିବା ଉଚିତ।

**(୭) ତୀର୍ଥବାସଃ ଏବଂ ତୀର୍ଥମାହାତ୍ମ୍ୟଶ୍ରବଣ**

ଯେଉଁ ଯେଉଁ ସ୍ଥାନରେ ଭଗବାନଙ୍କର ଜନ୍ମାଦି ଲୀଳାମାନ ପ୍ରକଟିତ ହୋଇଛି, ସେହି ସେହି ସ୍ଥାନମାନଙ୍କରେ ଏବଂ ଗଙ୍ଗା-ଯମୁନା ଆଦି ପୁଣ୍ୟତୋୟା- ନଦୀମାନଙ୍କ ନିକଟରେ ବାସ କଲେ ନିଷ୍ଠା ଉତ୍ପନ ହୁଏ। 'ଶ୍ରୀଭକ୍ତିରସାମୃତସିନ୍ଧୁ' ଗ୍ରନ୍ଥରେ ତୀର୍ଥବାସ ସମ୍ବନ୍ଧରେ ଏପରି କୁହାଯାଇଛି-

ସଂବତ୍ସରଂ ବା ଷଣ୍ମାସାନ୍ ମାସଂ ମାସାର୍ଦ୍ଧେମେବ ବା ।
ଦ୍ୱାରକାବାସିନଃ ସର୍ବେ ନରାଃ ନାର୍ଯ୍ୟଶ୍ଚତୁର୍ଭୂଜାଃ । (ଭ, ର. ସି. ୧/ ୨/୧୦୫ ଧୃତ, ସ୍କନ୍ଦପୁରାଣ) !

ଅର୍ଥାତ ଏକବର୍ଷ, ଛଅମାସ, ଏକମାସ ଅଥବା ପନ୍ଦରଦିନ ମଧ୍ଯ ଦ୍ୱାରକାପୁରୀରେ ବାସକଲେ ନର ହେଉ ଅବା ନାରୀ ହେଉ, ସଭିଏଁ ଚତୁର୍ଭୁଜ ହୋଇଯାନ୍ତି ।

ଅହୋ କ୍ଷେତ୍ରସ୍ୟ ମାହାତ୍ମ୍ୟଂ ସମନ୍ତାଦ୍ଦଶଯୋଜନମ ।
ଦିବିଷ୍ଠା ଯତ୍ର ପଶ୍ୟନ୍ତି ସର୍ବାନେବ ଚତୁର୍ଭୁଜାନ ।। (ଭ. ର. ସି. ୧/୨/ ୧୦୬, ବ୍ରାହ୍ମ)

ପୁରୁଷୋତ୍ତମକ୍ଷେତ୍ରର ଏପରି ଅଦ୍ଭୁତ ମହିମା ଯେ, ଦଶଯୋଜନରେ ପରିବ୍ୟାପ୍ତ ଏହି ଧାମଗତ ପ୍ରାଣୀମାତ୍ରେଙ୍କୁ ଦେବତାମାନେ ଚତୁର୍ଭୁଜ ରୂପରେ ଦର୍ଶନ କରନ୍ତି ।

ଯା ବୈ ଲସଚ୍ଛ୍ରୀତୁଳସୀବିମିଶ୍ର କୃଷ୍ଣାଂଘ୍ରିରେଣ୍ୱଭ୍ୟଧିକାମ୍ବୁନେତ୍ରୀ ।
ପୁନାତି ସେଶାନୁଭୟତ୍ର ଲୋକାନ କସ୍ତାଂ ନ ସେବେତ ମରିଷ୍ୟମାଣଃ ॥ (ଭ, ର, ସି, ୧/୨/ ୧୦୬, ୧୦୭)

ଶାସ୍ତ୍ରମାନଙ୍କରେ ପୁଣ୍ୟତୋୟା ଗଙ୍ଗା, ଯମୁନା, ଗୋଦାବରୀ ଆଦି ପବିତ୍ର, ନଦୀତଟେ ବାସ କରିବାର ବିପୁଳ ମହିମା ବର୍ଣ୍ଣିତ ହୋଇଛି। ମନୋହର ସୌନ୍ଦର୍ଯ୍ୟଯୁକ୍ତ ତୁଳସୀମିଶ୍ରିତ ଶ୍ରୀକୃଷ୍ଣଙ୍କର ଚରଣରେଣୁକୁ ତଥା ସବୁପ୍ରକାରେ ଶ୍ରେଷ୍ଠ ଚରଣଜଳକୁ ଦେଉଥିବା ଭଗବତୀ ଗଙ୍ଗା ଇହଲୋକରେ ଓ ପରଲୋକରେ ସଭିଙ୍କୁ ପବିତ୍ର କରିଦିଅନ୍ତି। ମରଣୋନ୍ମୁଖ ଏପରି କେଉଁ ବ୍ୟକ୍ତି ଅଛି, ଯିଏ ତାହାଙ୍କ ସେବା ନ କରିବ, ଅର୍ଥାତ ସଭିଙ୍କୁ ତାହାଙ୍କ ସେବା କରିବା ଉଚିତ।

ଶ୍ରୀଭକ୍ତିବିନୋଦ ଠାକୁର ଜୈବଧର୍ମରେ କହିଛନ୍ତି- ଶ୍ରୀନବଦ୍ୱୀପ ଷୋଳହ କ୍ରୋଶ ଅନ୍ତର୍ଗତ ଯେଉଁଠାରେ ହେଲେ ବାସ କରାଗଲେ, ତାହା ବୃନ୍ଦାବନ-ବାସ ହୁଏ (ବିଶେଷ କରି ମାୟାପୁରରେ ଯଦି ବାସ କରାଯାଏ) ଅଯୋଦ୍ଧ୍ୟା, ମଥୁରା, ମାୟା, କାଶୀ, କାଞ୍ଚି, ଅବନ୍ତିକା ଓ ଦ୍ୱାରକା- ଏହି ସାତୋଟି ମୋକ୍ଷଦାୟିକା ପୁରିମାନଙ୍କ ମଧ୍ୟରୁ ଏହି ମାୟାପୁର ଅତିଶୟ ପ୍ରଧାନ ତୀର୍ଥ ଅଟେ । ଯେହେତୁ ଏଠାରେ ଶ୍ରୀମନ୍ମହାପ୍ରଭୁ ନିଜ ନିତ୍ୟଧାମ ଶ୍ୱେତଦ୍ୱୀପକୁ ଅବତୀର୍ଣ୍ଣ କରାଇଛନ୍ତି।

*- କ୍ରମଶଃ*

# ଶ୍ରୀ ଗୌର ଗମ୍ଭୀରା (ରାଧାକାନ୍ତ ମଠ)

*(ପୂର୍ବ ପ୍ରକାଶିତ ଉତ୍ତାରୁ...)* **ଶ୍ରୀ ଜାହ୍ନବୀ ଜୀବନ ଦାସ**

ବକ୍ରେଶ୍ୱର ପଣ୍ଡିତ ଆଚାର୍ଯ୍ୟଲୀଳା ନ କଲେ ମଧ୍ୟ ସେ ପ୍ରଥମ, ତାଙ୍କ ପ୍ରକଟ ଥିବା ବେଳୁ ମହାପ୍ରଭୁଙ୍କ ଇଚ୍ଛାନୁସାରେ ଗୋପାଳଗୁରୁ ଗୋସ୍ୱାମୀ ଓ ତାଙ୍କ ପରେ ଶ୍ରୀ ଧ୍ୟାନଚନ୍ଦ୍ର ଗୋସ୍ୱାମୀ ଆଚାର୍ଯ୍ୟ (ମହନ୍ତ) ହୋଇଥିଲେ ରାଧାକାନ୍ତମଠରେ । ଏ ଦୁଇ ଜଣ 'ପଦ୍ଧତି ଗ୍ରନ୍ଥ' ପ୍ରଣୟନ କରିଛନ୍ତି । ଏ ମଠରେ ମହନ୍ତ ମାନେ ଅପ୍ରକଟ ହେଲେ ଶ୍ରୀ ହରିଦାସ ସମାଧିପୀଠ ସମୁଦ୍ର କୂଳରେ ସେମାନଙ୍କୁ ସମାଧିସ୍ଥ କରାଯାଇ ତାଙ୍କ କଠଉ ପୂଜା କରାଯାଏ ।

ଶ୍ରୀ ଗୋପାଳଗୁରୁ ପ୍ରଥମ ମହନ୍ତ ହେଲେ । ତାଙ୍କ ଅପ୍ରକଟ ପରେ କିଛି ରାଜ କର୍ମଚାରୀ କହିଲେ ଯେ କାଶୀ ମିଶ୍ର ନିଃସନ୍ତାନ ଥିଲେ ଏଣୁ ସଂପତି ଏବେ ରାଜାଙ୍କର ହେବ । ଧ୍ୟାନଚନ୍ଦ୍ର ଏଥିରେ ବ୍ୟସ୍ତ ହେଲେ ମାତ୍ର ଏ ସମୟରେ ବୃନ୍ଦାବନରୁ ଆଗତ କେହି ଖବର ଦେଲେ ଯେ ସେ ବଂଶୀବଟରେ ଧ୍ୟାନରତ ଗୋପାଳଗୁରୁ ଙ୍କୁ ଦେଖିଛନ୍ତି । ଶ୍ରୀ ଧ୍ୟାନଚନ୍ଦ୍ର ବୃନ୍ଦାବନ ଯାଇ ସ୍ୱଗୁରୁ ଗୋପାଳଗୁରୁଙ୍କୁ ଅନୁରୋଧ କଲେ ପୁରୀ ଆସି ଏ ଗଣ୍ଡଗୋଳ ସମାଧାନ କରିବାକୁ । ଗୋପାଳଗୁରୁ କହିଲେ ମୁଁ ଏ ଦେହରେ ଆଉ ପୁରୀ ଯିବି ନାହିଁ, ତୁେମେ ମଠ ପ୍ରାଙ୍ଗରେ ଥିବା ଲିମ୍ବ ଦାରୁରେ ମୋ ବିଗ୍ରହ କରି ମଠରେ ରଖ ସବୁ ଅସୁବିଧା ଦୂର ହେବ । ତାହାହିଁ କରାଗଲା ।

କାଶୀ ମିଶ୍ରାଳୟ (ଗମ୍ଭୀରା – ରାଧାକାନ୍ତ ମଠ)ରେ ପ୍ରଥମେ ଶ୍ରୀ ରାଧାକାନ୍ତ ଥିଲେ ପରେ ମହାପ୍ରଭୁଙ୍କ ଲୀଳା ସାଙ୍ଗାନ୍ତେ ଶ୍ରୀ ଗୌର ନିତାଇ ବିଗ୍ରହ – ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ, ଗୋପାଳଗୁରୁଙ୍କ ବିଗ୍ରହ (ଜଗମୋହନରେ) ମନ୍ଦିରରେ ପୂଜା ପାଉଛନ୍ତି ଏବଂ ଏଠାରେ ମହାପ୍ରଭୁ ରହିଥିବା ଗମ୍ଭୀରା ପ୍ରକୋଷ୍ଠରେ ମହାପ୍ରଭୁଙ୍କ ସନ୍ୟାସ ବିଗ୍ରହ, ତାଙ୍କ ପାଦୁକା ଓ କନ୍ଥା, କମଣ୍ଡଳୁ ଆଦି ୫୦୦ ବର୍ଷ ହେଲା ପୂଜା ପାଇବା ସହ ସେଠାରେ ଏକ ଅଖଣ୍ଡ ଦୀପ ମଧ୍ୟ ୫୦୦ ବର୍ଷ ହେବ ଜଳୁଛି । ମହାପ୍ରଭୁଙ୍କ ସମୟରୁ ଏହି ମଠ ପକ୍ଷରୁ ପ୍ରତ୍ୟହ ଶ୍ରୀମନ୍ଦିରକୁ ସଂକୀର୍ତ୍ତନ ଯାଇ ବେଢ଼ା ପରିକ୍ରମା ସହ ଲକ୍ଷ୍ମୀ ମନ୍ଦିରରେ ରାସ କୀର୍ତ୍ତନାଦି କରନ୍ତି । କୀର୍ତ୍ତନ ସହ ଅଗ୍ରେ ଶ୍ରୀତୁଳସୀ ଓ ମହାପ୍ରଭୁଙ୍କ ନିର୍ମାଣ (ଖଣତି) ଯାଆନ୍ତି । ଏହି ମଠରେ ମହାପ୍ରଭୁଙ୍କ ସମୟଠାରୁ ଶ୍ରୀ ଗୋପାଳଗୁରୁ ତାଙ୍କ ପରଠୁ ବର୍ତ୍ତମାନ ମହନ୍ତ ଧ୍ୟାନଚନ୍ଦ୍ର ମହାରାଜ ହେଉଛନ୍ତି ୧୯ ନମ୍ବର । ଏହି ମଠରେ ପୁରୀରେ ଏବଂ ସାରା ଓଡ଼ିଶାରେ ଅନେକ ଶାଖା ମଠ ଥିଲା । ତନ୍ମଧ୍ୟରୁ କେତେକ ଏବେ ସ୍ୱତନ୍ତ୍ର ଭାବେ ଚାଲିଛି ।

ତେବେ ବକ୍ରେଶ୍ୱର ପରିବାର ଶ୍ରୀରାଧାକାନ୍ତ ମଠ ପରଂପରା ଏବଂ ଶ୍ରୀ ରାଧାରମଣଦେବଙ୍କ ଧାରା ଏସବୁ ମିଶି ପ୍ରାୟ ୪୦୦ ବା ୫୦୦ ମଠ (ଯାହାକି ଗୌଡ଼ୀୟ ସଂପ୍ରଦାୟର)ଓଡ଼ିଶାରେ ଥିବା ଜଣାଯାଏ । ମାତ୍ର ପୁରୀ ଲୋକନାଥ ରୋଡ଼ (ପାଇକସାହି ପାଖ) ଭାଗବତ ସେବା ଶ୍ରମ ପ୍ରତିଷ୍ଠାତା ବୈଷ୍ଣବ ଚରଣ ଦାସ ଏକ କ୍ଷୁଦ୍ର ପୁସ୍ତିକାରେ ମାଧ୍ୱଗୌଡ଼େଶ୍ୱର ସଂପ୍ରଦାୟର ୩୮୯ ଟି ମଠର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଏବେ କିନ୍ତୁ ଶ୍ରୀ ଭକ୍ତି ବିନୋଦ ଧାରା ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦଙ୍କ ପ୍ରତିଷ୍ଠିତ ଓ ତାଙ୍କ ପରେ

ତାଙ୍କ ଶିଷ୍ୟ-ପ୍ରଶିଷ୍ୟମାନଙ୍କ ମଠ ତଥା ଇସ୍କନରେ ଶାଖାମଠ କିଛି କିଛି ଓଡ଼ିଶାରେ ନିର୍ମିତ ହୋଇଛି, ଏ ସମସ୍ତେ ବ୍ରହ୍ମ ମାଧ୍ୱ ଗୌଡ଼ୀୟ ସଂପ୍ରଦାୟଭୁକ୍ତ ଏବଂ ବିଶ୍ୱନାଥ ଚକ୍ରବର୍ତ୍ତୀ ପାଦଙ୍କ ରଚିତ । ଆରାଧ ଭଗବାନ ବ୍ରଜେଶ ତନୟ ଶ୍ଳୋକାନୁସାରେ ଏମାନେ କହୁଛନ୍ତି ଯେ ଶ୍ରୀନନ୍ଦନନ୍ଦନ ଶ୍ରୀକୃଷ୍ଣ ହିଁ ଏମାନଙ୍କର ଆରାଧ୍ୟ ସେମାନଙ୍କ ଧାମ ବୃନ୍ଦାବନ, ଗୋପୀମାନଙ୍କ ଉପାସିତ ମାର୍ଗ ଏବଂ ଶ୍ରୀ ଚୈତନ୍ୟଦେବ କର୍ତ୍ତୃକ ପ୍ରଚାରିତ ମତ ହିଁ ଏମାନଙ୍କର ଧ୍ୟେୟ ।

ପ୍ରକୃତରେ କିନ୍ତୁ ଦେଖିଲେ ନିମ୍ବାକାଚାର୍ଯ୍ୟ ମଧ କୃଷ୍ଣ ଓ ଶ୍ରୀରାଧାଙ୍କ ଭକ୍ତ । ନିରପେକ୍ଷ ହେଲେ ବୋଧ ହେବ ଯେ ଗୌଡ଼ୀୟ ମାନଙ୍କ ଆରାଧ ପ୍ରକୃତରେ ଗୌଡ଼ୀୟ ନାଥ ଶ୍ରୀଗୌରହରି । ଅବଶ୍ୟ ଏ ବିଷୟ ଏ ପ୍ରବନ୍ଧରେ ଆଲୋଚ୍ୟ ନୁହେଁ ।

ଏଇ ଗମ୍ଭୀରାରେ ଥାଇ ଶ୍ରୀ ଚୈତନ୍ୟ ଦେବ ନିତ୍ୟ ଜଗନ୍ନାଥ ଦର୍ଶନ, ଦୋଳ-ଚନ୍ଦନ - ଗୁଣ୍ଡିଚା ମାର୍ଜନ ରଥଦିନର ଆଗ୍ରେ ସାତ ମୂର୍ତ୍ତି ଗୌର ହୋଇ ସଂକୀର୍ତ୍ତନ ରାସ, ଦାକ୍ଷିଣାତ୍ୟ ଗମନ, ରାୟ ରାମାନନ୍ଦଙ୍କ ସହ ଗୋଦାବରୀ ତଟରେ ସାଧ୍ୟସାଧନ ନିର୍ଣ୍ଣୟ, ଗୌଡ଼ଦେଶ ଗମନ, ବ୍ରଜଗମନ ବେଳେ ଝାରୀଖଣ୍ଡ ବନପଥରେ ପଶୁପକ୍ଷୀଙ୍କୁ କୃଷ୍ଣ ପ୍ରେମରେ ନଚାଇବା ଆଦିବାସୀମାନଙ୍କୁ ତଥା ସର୍ବଜୀବଙ୍କୁ ଶ୍ରୀକୃଷ୍ଣ ନାମ ପ୍ରେମ ବିତରଣ କରିଛନ୍ତି ।

କିନ୍ତୁ ଏଇ ଗମ୍ଭୀରାରେ ଥାଇ ମହାପ୍ରଭୁ ଶ୍ରୀକୃଷ୍ଣ ବିରହରେ ୨ ଥର ସିଂହଦ୍ୱାର ନିକଟରେ, ସମୁଦ୍ରରେ ମହାଭାବାବେଶରେ ଅଚେତନ ହୋଇପଡ଼ିଛନ୍ତି, କୃଷ୍ଣ ନାମ ଶୁଣି ତାଙ୍କ ଚେତନା ଫେରିଛି ଏହା ଦ୍ୱାରା ସେ ସମଗ୍ର ଜୀବଜଗତକୁ ଶ୍ରୀକୃଷ୍ଣ ନାମ କୀର୍ତ୍ତନର ଶିକ୍ଷା ଦେଇଛନ୍ତି, ଏହି ଗମ୍ଭୀରାରେ ବଳଦେବ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ରହିନାହାନ୍ତି, ଏଠି ମୁଖ୍ୟତଃ ସଖୀ ଲୀଳା ସ୍ୱରୂପ ଦାମୋଦର (ଲଳିତା) ଓ ରାୟ ରାମାନନ୍ଦ (ବିଶାଖା) ଏ ଦୁଇଜଣ ପ୍ରତ୍ୟହ ପ୍ରଭୁଙ୍କୁ ରସଗ୍ରନ୍ଥପଞ୍ଜିକ ଶୁଣାଇ ତାଙ୍କୁ କୃଷ୍ଣ ବିରହ ବେଳେ ସାନ୍ତ୍ୱନା ଦେଉଥିଲେ । ଗମ୍ଭୀରାରେ ଏ ଦୁଇଜଣଙ୍କ ସହାୟତା ଦ୍ୱାରା ପ୍ରଭୁ ରାମାନନ୍ଦ ସ୍ୱରୂପ ସହ ରସ ଆସ୍ୱାଦନ କରୁଥିଲେ । ଏଠାରେ ଶ୍ରୀରଘୁନାଥ ଦାସ ଗୋସ୍ୱାମୀ କିଛି ଦିନ ଥିଲେ ହେଁ ମୁଖ୍ୟ ସହଚର ଥିଲେ ସ୍ୱରୂପ- ରାମାନନ୍ଦ, ଗୋବିନ୍ଦ, ଶଙ୍କରପଣ୍ଡିତ, ଜଗଦାନନ୍ଦ ପଣ୍ଡିତ ଆଦି । ପରମାରାଧତମ ଶ୍ରୀ ଭକ୍ତି କେବଳ ଗୁରୁ ମହାରାଜ କହିଛନ୍ତି ଗୌଡ଼ୀୟମାନଙ୍କର ତଥା ସମଗ୍ର ଜୀବଙ୍କର ଅରାଧସ୍ଥଳୀ ଏହି ଗମ୍ଭୀରା । କିନ୍ତୁଆମେ ଏହି ଗମ୍ଭୀରା କଥା ଚିନ୍ତା କରୁଛେ ତ ?

---

**ବର୍ତ୍ତମାନ ଶ୍ରୀପୁରୁଷୋତ୍ତମ ମାସ (ମଳମାସ ସ୍ମାର୍ତ୍ତ ମତେ) ବା ଶ୍ରୀପୁରୁଷୋତ୍ତମ ବ୍ରତ ପାଳନ କରାଯାଉଛି । ତାହା ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୧୬ ତାରିଖ ଅମାବାସ୍ୟା ଦିନ ସମାପନ ହେବ । ରାତ୍ର ୧ ଘଣ୍ଟା ଠାରେ ପୁରୁଷୋତ୍ତମ ବା ମଳମାସ ନିବୃତ୍ତି । ଏଇ ମାସର ଏକାଦଶୀବ୍ରତକୁ କମଳା ବା ପୁରୁଷୋତ୍ତମୀ ଏକାଦଶୀ ବ୍ରତ ବୋଲି ଧରାଯାଇଛି । ୨୭ ସେପ୍ଟେମ୍ବରରେ ଓ ୧୩ ଅକ୍ଟୋବରରେ ଏହା ପାଳନ କରାଯିବ । ଯେମିତି କାର୍ତ୍ତିକ ବ୍ରତ ପାଳନ କରାଯାଏ, ସେହିପରି ଶ୍ରୀପୁରୁଷୋତ୍ତମ ବ୍ରତ ପାଳନ କରିବା ବିଧି ଅଟେ । - ମ୍ୟାନେଜର 'ପରମାର୍ଥୀ'**

# ବୃନ୍ଦାବତୀଙ୍କ କାବ୍ୟରେ ଶ୍ରୀକୃଷ୍ଣତତ୍ତ୍ୱ

**ଶ୍ରୀ ଭକ୍ତିକୁଶଳ** (ଖୋର୍ଦ୍ଧା)

ବୃନ୍ଦାବତୀ ଦେବୀ ହେଉଛନ୍ତି ପ୍ରାଚୀନ ଓଡ଼ିଶା ଖୋର୍ଦ୍ଧା ନିକଟ ମଳିପଡ଼ା ଗ୍ରାମରେ କରଣ ଘରର ବୋହୂ । ସେ ଥିଲେ ବିଶିଷ୍ଟ ଗୌଡ଼ୀୟ ବୈଷ୍ଣବ ସାଧିକା । ଗୌଡ଼ୀୟ ଗୋସ୍ୱାମୀ ଗଣଙ୍କ ଶାସ୍ତ୍ରର ଧାରେ ଧାରେ ସେ ସାଧନା କରିବା ସହ କୃଷ୍ଣ କାବ୍ୟ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥ ରଚନା କରିଛନ୍ତି । ସେ ଥିଲେ ଉପେନ୍ଦ୍ରଭଞ୍ଜଙ୍କ ସମସାମୟିକ । ସେକାଳରେ ନିପଟ ମଫସଲର ଜଣେ ବୋହୂ ୧୨ ଖଣ୍ଡି ପୁରାଣ ଓ ୨୨ଟି ଗୌଡ଼ୀୟ ଗୋସ୍ୱାମୀ ଗ୍ରନ୍ଥ ଅଧ୍ୟୟନ କରିବା ଏବଂ ବୃନ୍ଦାବତୀଙ୍କ ଶ୍ୱଶୁର, ସ୍ୱାମୀ, ପୁତ୍ର, ନାତି ସମସ୍ତେ ଗୌଡ଼ୀୟ ବୈଷ୍ଣବ କବି ଭାବେ ଶ୍ରୀକୃଷ୍ଣ ଚରିତ ଗ୍ରନ୍ଥ ପ୍ରଣୟନ କରିବା କେତେ କଷ୍ଟ । ବୃନ୍ଦାବତୀଙ୍କୁ ଓଡ଼ିଶାର ଗବେଷକମାନେ ପ୍ରଥମ ନାରୀବୈଷ୍ଣବ କବି ବୋଲି କହୁଥିବା ବେଳେ ଗୌଡ଼ୀୟ ବୈଷ୍ଣବ ଗବେଷକମାନେ ମାଧବୀ ଦେବୀଙ୍କୁ ପ୍ରଥମ ଓ ବୃନ୍ଦାବତୀଙ୍କୁ ୨ୟ ନାରୀ ଭକ୍ତ କବି ଭାବେ ବର୍ଣ୍ଣନ କରିଛନ୍ତି । ଏଠାରେ ବୃନ୍ଦାବତୀଙ୍କ ଜୀବନୀ ଆଲୋଚନା କରାଯାଉ ନାହିଁ କିମ୍ବା ବୈଷ୍ଣବ ବିଭାଗୀକରଣ କରାଯାଉ ନାହିଁ । କାରଣ ପ୍ରବନ୍ଧ ବିସ୍ତାର ହେବ ଏବଂ ବୃନ୍ଦାବତୀଙ୍କ କୃଷ୍ଣ ତତ୍ତ୍ୱ ସମ୍ବନ୍ଧୀୟ ଗୌଡ଼ୀୟ ବୈଷ୍ଣବ ସିଦ୍ଧାନ୍ତ ଉପସ୍ଥାପିତ ହୋଇ ପାରିବ ନାହିଁ । ତେବେ ଗୋଟିଏ ଧାଡ଼ିରେ ଏଠି ଏତିକି ଜାଣିବା ଠିକ ହେବ ଯେ ଓଡ଼ିଶାର ଲେଖକମାନଙ୍କ ବିଚାରରେ ଯିଏ ନୀଳାଚଳର ଶ୍ରୀ ଜଗନ୍ନାଥଙ୍କ ଅବତାରୀ ଭାବେ ଭଜନ୍ତି ସେମାନେ ଉତ୍କଳୀୟ ବୈଷ୍ଣବ ଆଉ ଯେଉଁମାନେ ବୃନ୍ଦାବନର ଭାଗବତୀୟ କୃଷ୍ଣଙ୍କୁ ଅବତାରୀ ଭାବେ ଭଜନ୍ତି ସେମନେ ଗୌଡ଼ୀୟ ଯାହାଙ୍କୁ ଦାର୍ଶନୀକମାନେ Bengal School of Vaishnav କହିଛନ୍ତି ମୁଖ୍ୟତଃ ଯେଉଁମାନେ ଶ୍ରୀ ଚୈତନ୍ୟଦେବଙ୍କ ଅନୁଗାମୀ ସେମାନେ ଗୌଡ଼ୀୟ ବୈଷ୍ଣବ । ଏ ବିଷୟରେ ମଧ୍ୟ ଆଲୋଚନା ଏତିକି ଥାଉ । ଏହା ବିଶଦ ଭାବରେ ଆଲୋନା କରିବା ପାଇଁ ସ୍ୱତନ୍ତ୍ର ପ୍ରବନ୍ଧର ଆବଶ୍ୟକ ହୁଏ ।

କଳିଯୁଗ ପାବନାବତାରୀ, ପ୍ରେମ ପୁରୁଷୋତ୍ତମ ଅଭିନ୍ନ ଶ୍ରୀକୃଷ୍ଣ ଶ୍ରୀମନ୍‌ଚୈତନ୍ୟ ଦେବ ଭାଗବତର ବ୍ୟାସଦେବଙ୍କ ସିଦ୍ଧାନୁସାରେ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' କହି ଶ୍ରୀକୃଷ୍ଣ ଓ ଜଗନ୍ନାଥ (ପୁରୀ)ଙ୍କୁ ଅଭିନ୍ନ ଭାବେ ଦର୍ଶନ କରିଛନ୍ତି । ଜଗନ୍ନାଥେ ଦେଖେ ସାକ୍ଷାତ ବ୍ରଜେନ୍ଦ୍ର ନନ୍ଦନ । (ଚୈ.ଚ)

ଏଇ ସିଦ୍ଧାନ୍ତକୁ ବ୍ରଜର ଶ୍ରୀଚୈତନ୍ୟାନୁ ଷଡ଼ଗୋସ୍ୱାମୀ ପରବର୍ତ୍ତୀ ଓଡ଼ିଆ ମହାଜନ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ, ରସିକାନନ୍ଦ ପ୍ରଭୁ, ଶ୍ରୀ ଭକ୍ତି ବିନୋଦ ଠାକୁର ଓ ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦ ଓ ତାଙ୍କ ଅନୁଗାମୀମାନେ ଶାସ୍ତ୍ର ପ୍ରମାଣାନୁସାରେ ସ୍ଥାପନ କରିଛନ୍ତି ।ଏଇ ପଥର ଅନୁଗାମୀ ଓଡ଼ିଶାର ପ୍ରଥମ ବା କାହା ମତେ ୨ୟ ନାରୀ କବି ବୃନ୍ଦାବତୀ ଦେବୀ ତାଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦାୟ (କୃଷ୍ଣ) ଗ୍ରନ୍ଥରେ କିପରି ଗୌଡ଼ୀୟଗୋସ୍ୱାମୀଗଣଙ୍କର ଓ ଭାଗବତାଦି ଶାସ୍ତ୍ରର ସିଦ୍ଧାନ୍ତକୁ ଦୃଢ଼ ଅଥଚ ସରଳ, ସାବଲୀଳ ଭାଷାରେ ବର୍ଣ୍ଣନ କରିଛନ୍ତି, ତାହା ଆଲୋଚନା କରିବା ।

ଗୌଡ଼ୀୟମାନଙ୍କ ମତରେ - ୧ - ଈଶ୍ୱର ପରମ ପୃଷଷ୍ଣ ସଚ୍ଚିଦାନନ୍ଦ ବିଗ୍ରହ (ବ୍ରହ୍ମ ସଂହିତା) (୨) ଏତେଚାଂଶ କଳାପୁଂସ କୃଷ୍ଣସ୍ତୁ ଭଗବାନ ସ୍ୱୟଂ (ଭଗାବତ ୧/୩/୧୮)

ବୃନ୍ଦାବତୀ ଏହି ସିଦ୍ଧାନ୍ତାନୁସାରେ ସ୍ୱୀୟ କାବ୍ୟରେ ଲେଖିଲେ -

ଶ୍ରୀକୃଷ୍ଣ ସ୍ୱଂୟ ଭଗବାନ । ଅଟନ୍ତି ନନ୍ଦର ନନ୍ଦନ ।
ଏତେକେ କୃଷ୍ଣ ଅବତାରୀ । ପରମ ତତ୍ତ୍ୱବେଣୁଧାରୀ ।

ଏଠାରେ ଉତ୍କଳୀୟ ବୈଷ୍ଣବଙ୍କମତ ଉଦ୍ଧାର କରୁଛି ।

ସେମାନଙ୍କ ମତରେ - ଶ୍ରୀଜଗନ୍ନାଥ ଷୋଳ କଳା । ତହୁଁ କଳାଏ ନନ୍ଦବଳା ।

ଏହା ଅବଶ୍ୟ କେଉଁ ଗ୍ରନ୍ଥର ଓ କାହାର ଉକ୍ତି ସଠିକ୍ ଭାବେ ଜଣା ନପଡ଼ିଥିଲେ ସୁଦ୍ଧା ଓଡ଼ିଶାର ସାହିତ୍ୟିକ, ଗବେଷକଗଣ ଏ ପଦଟି ପ୍ରାୟତଃ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି । ପୁଣି ଉତ୍କଳୀୟ ବୈଷ୍ଣବମାନେ ରସକଲ୍ଲୋଳରୁ ଉଦାହରଣ ଏପରିଦେଇଥାନ୍ତି ।

କମଳ ନେତ୍ର କମଳା ପ୍ରାଣନାୟକ । କଳା ପର୍ବତରେ ଲୀଳା କରି ଅନେକ ।
କୌତୁକରେ ବୋଲାଇଲେ ଗୋପବାଳକ ।

ପୁନଶ୍ଚ - କଚ୍ଛପ ମତ୍ସାଦି ଅବତାର ଯେତେକ / କରିବାକୁ ଜାତ ଜଗନ୍ନାଥ ଜନକ ।।

ରସ କଲ୍ଲୋଳର ଏହିଉଦାହରଣ ଦେଇ ଉତ୍କଳୀୟ ବୈଷ୍ଣବଙ୍କ ସିଦ୍ଧାନ୍ତ ଓଡ଼ିଆ ଗବେଷକମାନେ ସ୍ଥାପନ କରି କହନ୍ତି ଯେ କମଳାକାନ୍ତ ଶ୍ରୀହରି କଳାପର୍ବତ ଅର୍ଥାତ ନୀଳାଦ୍ରିରେ ଅନେକ ଲୀଳା କରିବେ ସେ ହିଁ ଗୋପରେ କୃଷ୍ଣ ହୋଇ ଜନ୍ମ ହୋଇଥିଲେ ଏବଂ ମତ୍ସ୍ୟ, କଚ୍ଛପାଦି ଅବତାର । ସମସ୍ତଙ୍କ ଜନକ ହେଲେ ନୀଳାଦ୍ରିର ଶ୍ରୀ ଜଗନ୍ନାଥ ଅର୍ଥାତ ସେ ଅବତାରୀ, କିନ୍ତୁ ଗୌଡ଼ୀୟ ବୈଷ୍ଣବ ବୃନ୍ଦାବତୀ ଦେବୀ ତାଙ୍କ ପୂର୍ଣ୍ଣତମ ଚନ୍ଦ୍ରୋଦୟରେ ବ୍ରହ୍ମ ସଂହିତା ଗୀତା ଓ ଭାଗବତ ତଥା ଗୋସ୍ୱାମୀ ଶାସ୍ତ୍ରାଦିର ଉଦାହରଣ ଅନୁସାରେ ବ୍ରଜର ଶ୍ରୀକୃଷ୍ଣଙ୍କୁ ଅବତାରୀ କହିଲେ ମଧ୍ୟ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ବୋଲି ଗୌଡ଼ୀୟ ବୈଷ୍ଣବଙ୍କ ମତ ।

ଗୌଡ଼ୀୟ ମାନଙ୍କ ମତରେ ଶ୍ରୀକୃଷ୍ଣ ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଓ ବୃନ୍ଦାବନରେ ପୂର୍ଣ୍ଣତମ, ଶ୍ରୀରୂପ ଗୋସ୍ୱାମୀଙ୍କ ଭକ୍ତିରସାମୃତ ସିନ୍ଧୁରେ ଅଛି, କୃଷ୍ଣସ୍ୟ ପୂର୍ଣ୍ଣତମତା ବ୍ୟକ୍ତାଭୂତ୍ ଗୋକୁଳାନ୍ତରେ
ପୂର୍ଣ୍ଣତା ପୂର୍ଣ୍ଣତରତା ଦ୍ୱରକା ମଥୁରାଦିଷୁ ।

ଭକ୍ତିରସାମୃତ ସିନ୍ଧୁ ଅନୁସାରେ ଗୌଡ଼ୀୟ କବି ବୃନ୍ଦାବତୀ ଏଣୁ ଲେଖିଲେ - ପ୍ରଭୁଙ୍କ ପୂର୍ଣ୍ଣତମ ଲୀଳା, ଗୋପରେ ପ୍ରକାଶ ହୋଇଲା

ମଥୁରା ହେଲା ପୂର୍ଣ୍ଣତର । ଦ୍ୱାରିକା ପୂର୍ଣ୍ଣ ଯେ ଆବର ।

ଉତ୍କଳୀୟ ବୈଷ୍ଣବମାନେ ବୈଷ୍ଣବ ତନ୍ତ୍ରର ନିମ୍ନ ଉଦାହରଣ ଦେଇ କହନ୍ତି ଯେ ମଥୁରା, ଦ୍ୱାରକା, ଗୋପାଦିରେ ଶ୍ରୀକୃଷ୍ଣ ଯେଉଁ ଲୀଳା କରନ୍ତି ନୀଳାଚଳ କୃଷ୍ଣ ପ୍ରତ୍ୟହ ସେହି ଲୀଳା କରନ୍ତି ।

ମଥୁରା ଦ୍ୱାରକା ଚୈବଯାକରୋତି ଚ ଗୋକୁଳେ / ନୀଳାଚଳ ସ୍ଥିତ କୃଷ୍ଣ ସାଏବ ଚରତି ସଦା ।

*- କ୍ରମଶଃ*